ଆଜି - ମଙ୍ଗଳବାର
ତାରିଖ - ୧୫ ସେପ୍ଟେମ୍ବର ୨୦୨୬
ମାସ - ସିଂହ, ଦିନ - ୩୦
ତିଥି -ଚତୁର୍ଥୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ସ୍ୱାତୀ, ତୁଳା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୭: ୦୦
ସୂର୍ଯ୍ୟାସ୍ତ - ୫ : ୪୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି




ନୂଆଁଖାଇ ଅବସରରେ 'ଆଜିକାଲି' ପରିବାର ପକ୍ଷରୁ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।


E-News : www.Ajikali epaper.com

Vol.- 41 ISSUE- 153 R.N.I. REGD. No. 44026/86 ବାଲେଶ୍ୱର ୧୫ ସେପ୍ଟେମ୍ବର ୨୦୨୬ ମଙ୍ଗଳବାର BALASORE 15 SEPTEMBER 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


# ସେମିକନ୍ ଇଣ୍ଡିଆ ୨୦୨୬ର ୫ମ ସଂସ୍କରଣକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଭାରତର ପ୍ରମୁଖ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ସମ୍ମିଳନୀ ଏବଂ ପ୍ରଦର୍ଶନୀ, ସେମିକନ୍ ଇଣ୍ଡିଆ ୨୦୨୬ ର ପଂଚମ ସଂସ୍କରଣ ସେପ୍ଟେମ୍ବର ୧୭-୧୯, ୨୦୨୬ ପର୍ଯ୍ୟନ୍ତ ଯଶୋଭୂମି (ଇଣ୍ଡିଆ ଇଂଟରନ୍ୟାସନାଲ୍ କନଭେନସନ୍ ଏବଂ ଏକ୍ସପୋ ସେଂଟର), ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୭, ୨୦୨୬ ରେ ଏହି କାର୍ଯ୍ୟକ୍ରମର ଉଦଘାଟନ କରିବେ, ଯାହା ତିନି ଦିନିଆ ଉଚ୍ଚସ୍ତରୀୟ ଆଲୋଚନା, ଶିଳ୍ପ ସମ୍ପର୍କ ଏବଂ ଭାରତର ଦ୍ରୁତ ବିସ୍ତାରଶୀଳ ଅର୍ଦ୍ଧପରିବାହୀ ଏବଂ ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମର ପ୍ରଦର୍ଶନର ଆରମ୍ଭ ହେବ । ଭାରତ ସରକାର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ, ଭାରତ ସେମିକଣ୍ଡକ୍ଟର ମିଶନ, ଏବଂ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଡିଜାଇନ୍ ଏବଂ ଉତ୍ପାଦନ ଇକୋସିଷ୍ଟମର ପ୍ରତିନିଧିତ୍ୱ କରୁଥିବା ବିଶ୍ୱ ଶିଳ୍ପ ସଂଘ SEMI ଦ୍ୱାରା ମିଳିତ ଭାବରେ ଆୟୋଜିତ, ସେମିକନ୍ ଇଣ୍ଡିଆ ୨୦୨୬ ବିଶ୍ୱସ୍ତରୀୟ ଅର୍ଦ୍ଧପରିବାହୀ ଏବଂ ଇଲେକ୍ଟ୍ରୋନିକ୍ସ କମ୍ପାନୀ, ଶିଳ୍ପ ନେତା, ନୀତି ନିର୍ଦ୍ଧାରକ, ନିବେଶକ, ଗବେଷକ, ଶିକ୍ଷାବିତ, ଷ୍ଟାର୍ଟ-ଅପ୍ ଏବଂ ଛାତ୍ରମାନଙ୍କୁ ଏକ ସାଧାରଣ ମଂଚରେ ଏକତ୍ର କରିବ ଯାହା ଦ୍ୱାରା ଚିନ୍ତାଧାରା



ଆଦାନପ୍ରଦାନ, ସହଭାଗୀତା ଗଠନ ଏବଂ ଭାରତର ଅର୍ଦ୍ଧପରିବାହୀ ଏବଂ ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମର ଭବିଷ୍ୟତକୁ ଆକାର ଦେବ । 'ସିଲିକନ୍ ରୁ ସିଷ୍ଟମ୍: ବିଲ୍ଡିଂ ଦି ଇକୋସିଷ୍ଟମ' ବିଷୟବସ୍ତୁ ସହିତ, ସେମିକନ୍ ଇଣ୍ଡିଆ ୨୦୨୬ ଭାରତରେ ଅର୍ଦ୍ଧପରିବାହୀ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ଏହା ଏପରି ଏକ ସମୟରେ ଆସୁଛି ଯେତେବେଳେ ଦୃଢ଼ ନୀତି ଗତି, ବର୍ଦ୍ଧିତ ଶିଳ୍ପ କାର୍ଯ୍ୟାନ୍ୱୟନ ଏବଂ ବିଶ୍ୱସ୍ତ ଏବଂ ସ୍ଥିର ଅର୍ଦ୍ଧପରିବାହୀ ଯୋଗାଣ ଶୃଙ୍ଖଳା ପାଇଁ ବଢୁଥିବା ବିଶ୍ୱ ଚାହିଦା ଭାରତକୁ ବିଶ୍ୱସ୍ତରୀୟ ଅର୍ଦ୍ଧପରିବାହୀ ମୂଲ୍ୟ ଶୃଙ୍ଖଳାରେ ଏକ କ୍ରମବର୍ଦ୍ଧିଷ୍ଣୁ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଭାବରେ ସ୍ଥାନିତ କରିବା ପାଇଁ ଏକତ୍ରିତ ହେଉଛି । ଏହା ହିଁ ସେମିକନ୍ ଇଣ୍ଡିଆ ୨୦୨୬ କୁ ଏକ ପ୍ରଦର୍ଶନୀ ଅପେକ୍ଷା ବହୁତ ଅଧିକ କରିଥାଏ । ଯଶୋଭୂମିରେ ତିନି ଦିନ ଧରି, ୩୦୦ ଆନ୍ତର୍ଜାତୀୟ କମ୍ପାନୀ ସମେତ ୬୦୦ ରୁ ଅଧିକ ପ୍ରଦର୍ଶକ ୧୫,୦୦୦ ବର୍ଗ ମିଟର ସ୍ଥାନରେ ଏକାଠି ହେବେ, ୧୫୦+ ପ୍ରସିଦ୍ଧ ବକ୍ତା ସେମାନଙ୍କ ଜ୍ଞାନ, ଅଭିଜ୍ଞତା ଏବଂ ଅନ୍ତର୍ଦୃଷ୍ଟି ବାଂଟିବେ । ଛଅଟି ଦେଶ ପାଭିଲିଅନ୍ ଏବଂ ୧୨ଟି ରାଜ୍ୟ ପାଭିଲିଅନ୍ ଏକ ଷ୍ଟାର୍ଟଅପ୍ ଶୋକେସ୍, ଏକ ଛାତ୍ର ହାକାଥନ୍, ଏକ କର୍ମଶକ୍ତି ବିକାଶ ପାଭିଲିଅନ୍ ଏବଂ ଏକ ମହିଳା ମଂଚ ସହିତ ବସିବେ, ପ୍ରତ୍ୟେକ ସେମିକଣ୍ଡକ୍ଟର ଇକୋସିଷ୍ଟମର ଏକ ଭିନ୍ନ ଅଂଶରେ ଏକ ୱିଣ୍ଡୋ ପ୍ରଦାନ କରିବ ଯାହାକୁ ଭାରତ ଗତ ପାଂଚ ବର୍ଷ ଧରି ସ୍ଥିର ଭାବରେ ନିର୍ମାଣ କରିଆସୁଛି । ପରିଦର୍ଶକଙ୍କୁ ସେମିକଣ୍ଡକ୍ଟର ଇକୋସିଷ୍ଟମର ଏକ ସମନ୍ୱିତ ଦୃଶ୍ୟ ପ୍ରଦାନ କରିବ ଏବଂ ମୂଲ୍ୟ ଶୃଙ୍ଖଳର ବିଭିନ୍ନ ପର୍ଯ୍ୟାୟରେ ଭାରତର ବିସ୍ତାରିତ କ୍ଷମତା ପ୍ରଦର୍ଶନ କରିବ । ପ୍ରଦର୍ଶନୀରେ ଛଅଟି ଦେଶ ପାଭିଲିଅନ୍ ଏବଂ ବାରଟି ରାଜ୍ୟ ସରକାରଙ୍କ ପାଭିଲିଅନ୍ ସହିତ ଏକ ଉତ୍ସର୍ଗୀକୃତ ଷ୍ଟାର୍ଟଅପ୍ ପାଭିଲିଅନ୍, ନବସୃଜନ ପ୍ରଦର୍ଶନ, ଷ୍ଟାର୍ଟଅପ୍ ପିଚ୍ ପ୍ରତିଯୋଗିତା, ଛାତ୍ର ହାକାଥନ୍ ଏବଂ କର୍ମଶକ୍ତି ବିକାଶ ପାଭିଲିଅନ୍ ପ୍ରଦର୍ଶିତ ହେବ । ଷ୍ଟାର୍ଟଅପ୍ ପାଭିଲିଅନ୍ ପ୍ରାୟ ୪୦ ଟି ଷ୍ଟାର୍ଟଅପ୍ ପ୍ରଦର୍ଶନ କରିବ, ଯେତେବେଳେ କର୍ମଶକ୍ତି ବିକାଶ ପାଭିଲିଅନ୍ ମାଇକ୍ରୋଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ପ୍ରତିଭା, ଦକ୍ଷତା ଏବଂ କ୍ୟାରିଅର୍ ସୁଯୋଗ ପାଇଁ ଏକ ଉତ୍ସର୍ଗୀକୃତ ପ୍ଲାଟଫର୍ମ ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମ ଭାରତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକୁ ସହଭାଗୀତା, ନିବେଶ ସୁଯୋଗ, ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ଯୋଗାଣ-ଶୃଙ୍ଖଳ ଲିଙ୍କେଜ୍ ଅନୁସନ୍ଧାନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିବ, ଯାହା ଏକ ବିଶ୍ୱସ୍ତ ବିଶ୍ୱ ସେମିକଣ୍ଡକ୍ଟର ଅଂଶୀଦାର ଭାବରେ ଭାରତର ସ୍ଥିତିକୁ ଆହୁରି ମଜବୁତ କରିବ ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଆଶୀର୍ବାଦର ଦୀପ ପ୍ରଜ୍ୱଳନ କରିବା ପାଇଁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ । ଏହି ଅବସରରେ ନିଜ ଘରେ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳନ କରିବା ପାଇଁ ନିବେଦନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋମବାର ଭିଡିଓ ବାର୍ତ୍ତା ମାଧ୍ୟମରେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ । ଏନେଇ ଆୟୋଜିତ ହେବ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ । ଏହି ପରିପ୍ରେକ୍ଷୀରେ ସକାଳେ କିମ୍ବା ସନ୍ଧ୍ୟାରେ ଦୀପ ପ୍ରଜ୍ୱଳିତ କରିବାକୁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି । ଘର, ମନ୍ଦିର କିମ୍ବା କୌଣସି ପ୍ରମୁଖ ସ୍ଥାନରେ ଦୀପ ଜାଳିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଏପରିକି ଜନକଲ୍ୟାଣକାରୀ ଯୋଜନାର ହିତାଧିକାରୀ ଶୁଭେଚ୍ଛା ବାର୍ତ୍ତା ଦେଇପାରିବେ । ଏକରିକି ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପ୍ରାର୍ଥନା କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ସୋସିଆଲ ମିଡିଆରେ ଫଟୋ ଏବଂ ଭିଡିଓ ଅପଲୋଡ୍ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନ ଆଜି (ସୋମବାର) ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦିଙ୍କ ଜନ୍ମଦିନରେ ଘରେ "ଆଶୀର୍ବାଦ ଦୀପ" ଜାଳିବାକୁ ଏବଂ ତାଙ୍କ ଦୀର୍ଘ ଜୀବନ ଏବଂ ସୁସ୍ଥତା ପାଇଁ ପ୍ରାର୍ଥନା କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି । ବିଜେପି ମୋଦୀଙ୍କ ସାର୍ବଜନୀନ ଜୀବନର ୨୫ ବର୍ଷ ପାଳନ ପାଇଁ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ "ସେବା ସଂକଳ୍ପ ଅଭିଯାନ" ଘୋଷଣା କରିଛି । ଯେଉଁଥିରେ ଜନ ଅଂଶଗ୍ରହଣ, କଲ୍ୟାଣକାରୀ କାର୍ଯ୍ୟକଳାପ ଏବଂ ଯୁବ ଯୋଗଦାନ ଉପରେ କେନ୍ଦ୍ରିତ କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ରହିଛି । ଏକ ଭିଡିଓ ବାର୍ତ୍ତାରେ, ନବୀନ କହିଛନ୍ତି ଯେ "ଜନସେବା ହେଉଛି ଜାତୀୟ ସେବା" ମୋଦିଙ୍କ ଜୀବନର ମାର୍ଗଦର୍ଶୀ ନୀତି ହୋଇଛି, ଏବଂ ତାଙ୍କ ନେତୃତ୍ୱରେ ଭାରତ ଏକ "ବିକଶିତ ଭାରତ" ର ଦୃଷ୍ଟିକୋଣ ସହିତ ଆଗକୁ ବଢୁଛି । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସନ୍ଧ୍ୟା ୬ ଟାରୁ ୭ ଟା ମଧ୍ୟରେ 'ଆଶୀର୍ବାଦ ଦୀପ' ଜାଳିବାକୁ ସେ ଲୋକମାନଙ୍କୁ ଆହ୍ୱାନ କରିଛନ୍ତି । ସେ କହିଥିଲେ, "ମୁଁ ଆଶୀର୍ବାଦର ଦୀପ ଜାଳିବି, ଏବଂ ମୁଁ ମୋର ସାଥୀ ଭାରତୀୟମାନଙ୍କୁ ନିବେଦନ କରୁଛି: ଆସ, ଦୟାକରି ଆଶୀର୍ବାଦର ଦୀପ ଜାଳି ଆମ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଜୀବନ ଏବଂ ନିରନ୍ତର ସଫଳତା ପାଇଁ ପ୍ରାର୍ଥନା କର ।"

# ଆଜି ନୂଆଁଖାଇ : ଉତ୍ସବ ମୁଖର ଗାଁଠୁ ସହର

ସମ୍ବଲପୁର : ରାତି ପାହିଲେ ଉତ୍ସବ ମୁଖର ହୋଇଉଠିବ ପଶ୍ଚିମ ଓଡ଼ିଶା । ଘରେ ଘରେ ପାଳନ ହେବ କୃଷିଭିତିକ ଗଣପର୍ବ ନୂଆଁଖାଇ । ଚାଲିବ ପୂଜାର୍ଚ୍ଚନା, ସପରିବାର ଏକାଠି ବସି ନବାନ୍ନ ଭକ୍ଷଣ କରିବେ । ତା ସହ ଜମିବ ଲୋକସଂଗୀତ ଓ ନୃତ୍ୟର ଆସର । ଏଥିପାଇଁ ସମ୍ବଲପୁରରୁ ସୁନ୍ଦରଗଡ଼; ବଲାଙ୍ଗିରରୁ ବରଗଡ଼, ବୌଦ୍ଧରୁ କଳାହାଣ୍ଡି । ସବୁଠି ଚଳଚଂଚଳ ପରିବେଶ । ଅଥୟ



ହେଲାଣି ମନ... ଅଧୀର ହେଲାଣି ପାଦ । ଢୋଲ୍-ନିଶାନ୍‌ର ତାଲେ ତାଲେ କାଲି ଦୁଲୁକିବ ପଶ୍ଚିମ ଓଡ଼ିଶା । ଡାଲଖାଇ-ରସରକେଲି ନାଚରେ ଝୁମି ଉଠିବ ପୂରପଲ୍ଲୀ । ରାତି ପାହିଲେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ । ସେଥିଲାଗି ସଜେଇ ହେଲାଣି ଘର, ସଜେଇ ହେଲାଣି ମନ୍ଦିର । ଜମିଲାଣି ପିଠା ପଣାର ଆସର । ବାହାରେ ରହୁଥିବା ଲୋକେ ଘରକୁ ବାହୁଡ଼ିଲେଣି, ବଜାର, ଲୁଗାଦୋକାନରେ ଭିଡ଼ ଜମିଲାଣି । ନୂଆ ଲୁଗା ପିନ୍ଧି ଦେବଦେବୀ ଓ ଗୁରୁଜନଙ୍କ ଆଶୀର୍ବାଦ ନେଇ, ଏକାଠି ନବାନ୍ନ ଖାଇବେ ସପରିବାର । ରାଗରୁଷା ଭୁଲି ଭାଇଚାରାର ରଙ୍ଗରେ ରଙ୍ଗେଇ ହେବେ ସମସ୍ତେ । ଏଇ ଯେମିତି ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଡାହିମାଲ ଓ ଜଳିଆ ଗାଁର ଲୋକେ । ବର୍ଷ ବର୍ଷ ଧରି ଏକାଠି ନୂଆଖାଇ ଆସୁଛନ୍ତି ପ୍ରାୟ ୧ ହଜାର ପରିବାରର ୫ ହଜାର ଲୋକ । ବଲାଙ୍ଗୀର ଜିଲ୍ଲାରେ ନୂଆଖାଇ ପୂର୍ବ ସଂଧ୍ୟା ଅର୍ଥାତ ଆଜି ଗ୍ରାମଦେବା ଦେବୀ ନିକଟକୁ ଶୋଭାଯାତ୍ରାରେ ଯାଇଛି ନୂଆଧାନ, ପନିପରିବା, ଲୁଗାପଟା । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପାଳନ କରିଛନ୍ତି ପାହୁର ଯାତ୍ରା । ସେପଟେ ନୂଆଁଖାଇ ପାଇଁ କଳାହାଣ୍ଡିରେ ଅଛି ନିଆରା ପରମ୍ପରା । ଜିଲ୍ଲା ଗୋଟିଏ, କିନ୍ତୁ ୪ ଥର ପାଳନ ହୁଏ ନୂଆଁଖାଇ । କେଉଁଠି ରାଖୀ ପୂର୍ଣ୍ଣିମାରେ, କେଉଁଠି ପଂଚମୀରେ ତ ଆଉ କେଉଁଠି ଦଶମୀରେ । ପରମ୍ପରା ଭିନ୍ନ ହେଲେ ବି ଭାବନା ସେଇ ଗୋଟିଏ । ନିଜ ମାଟି ସହ ଯୋଡ଼ି ହେବାର ପର୍ବ ନୂଆଖାଇ । ଦୁଃଖ ଥାଉ କି ସମସ୍ୟା... ଅଭାବ ଥାଉ କି ଅସୁବିଧା... ନୂଆଖାଇ ଆସିଲେ ସବୁକିଛି ଭୁଲି ଏକାଠି ହୋଇଯାଆନ୍ତି ପରିବାର ।

# ବାଲେଶ୍ୱର ଚାନ୍ଦିପୁରର ବିକଳ୍ପ ସାଜିବ ଜୁନପୁଟ : ପ୍ରତିରକ୍ଷା ମନ୍ତ୍ରଣାଳୟର ନୂଆ ପ୍ରକଳ୍ପକୁ ମିଳିଲା ଗ୍ରୀନ ସିଗ୍ନାଲ

ବାଲେଶ୍ୱର: ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟି ଉପରେ ଦିନକୁ ଦିନ ଚାପ ବଢ଼ିବାରେ ଲାଗିଛି । ଏହି କାର୍ଯ୍ୟଭାରକୁ କମାଇବା ପାଇଁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ତଥା ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲା ଅନ୍ତର୍ଗତ ଜୁନପୁଟ ଠାରେ ଏକ ନୂତନ ତଥା ଅତ୍ୟାଧୁନିକ ପ୍ରତିରକ୍ଷା ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ବୃହତ୍ ପ୍ରକଳ୍ପ ପାଇଁ ବିଧିବଦ୍ଧ ମଞ୍ଜୁରୀ ମଧ୍ୟ ମିଳିସାରିଛି । ସୂଚନା ଅନୁଯାୟୀ, ଚାନ୍ଦିପୁର ଘାଟି ଠାରୁ ସମୁଦ୍ର କୂଳେ କୂଳେ ପ୍ରାୟ ୭୦



କିଲୋମିଟର ଦୂରରେ ଦୀଘା ନିକଟସ୍ଥ ଜୁନପୁଟ୍ ଗ୍ରାମରେ ଏହି ସେଂଟର ସ୍ଥାପନ କରାଯିବ । ଭାରତର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ବର୍ତ୍ତମାନ ଦ୍ରୁତ ଗତିରେ ବିକାଶ ଲାଭ କରୁଛି । ଦେଶର ସୁରକ୍ଷା ଆବଶ୍ୟକତାକୁ ଦୃଷ୍ଟିରେ ରଖି କେବଳ ଚାନ୍ଦିପୁର କିମ୍ବା ଭଦ୍ରକର ଅବଦୁଲ କଲାମ ଦ୍ୱୀପ ଉପରେ ସମ୍ପୂର୍ଣ୍ଣ ନିର୍ଭର ନକରି ଅନ୍ୟ ଏକ ବିକଳ୍ପ ଘାଟିର ନିହାତି ଆବଶ୍ୟକତା ରହିଥିଲା । ଏହି ନୂଆ କେନ୍ଦ୍ରରେ ମୁଖ୍ୟତଃ ଭୂପୃଷ୍ଠରୁ ଆକାଶକୁ ଏବଂ ଆକାଶରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ପରୀକ୍ଷଣ କରାଯିବ । ବର୍ତ୍ତମାନ ଚାନ୍ଦିପୁରସ୍ଥିତ ଆଇଟିଆରରେ ବର୍ଷ ତମାମ ବିଭିନ୍ନ ପରୀକ୍ଷଣ ଲାଗି ରହୁଛି । କିନ୍ତୁ ଏଠାରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଜନବସତି । ଯେତେବେଳେ ବି କୌଣସି ବଡ଼ କ୍ଷେପଣାସ୍ତ୍ରର ପରୀକ୍ଷଣ ହୁଏ, ସେତେବେଳେ ସୁରକ୍ଷା ଦୃଷ୍ଟିରୁ ଲଂଚପ୍ୟାଡ୍‌ର ଅଢ଼େଇ କିଲୋମିଟର ବ୍ୟାସାର୍ଦ୍ଧରେ ରହୁଥିବା ହଜାର ହଜାର ସ୍ଥାନୀୟ ଲୋକଙ୍କୁ ସାମୟିକ ଭାବେ ଘରଦ୍ୱାର ଛାଡ଼ି ସ୍ଥାନାନ୍ତର ହେବାକୁ ପଡ଼ିଥାଏ ।




## ନୂଆଁଖାଇ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀ ତଥା ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0098

15001/98/2627



## ନୂଆଁଖାଇ ତିହାର୍ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ଜୁହାର୍!

ପବିତ୍ର ନୂଆଁଖାଇ ତିହାର୍‌ର ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।

ନୂଆଁ ଧାନ୍ ଘରକେ ଆନିକରି ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜା କରି, ସଭେ ମିଶିକରି ନୂଆଁ ଖାଏବାର୍ ଇ ମହାନ୍ ପରମ୍ପରା- ଆମର୍ ସଂସ୍କୃତି, ଭାଇଚାରା ଆର୍ ଏକତାର୍ ସବୁନୁ ବଡ଼ ପ୍ରତୀକ୍ ଆଏ । ନୂଆଁ ଆଶା, ନୂଆଁ ସପନ୍ ଆର୍ ବହୁତ୍ ଖୁସି ନେଇକରି ଆସିଥିବାର୍ ଇ ମହାନ ତିହାର୍ ସମକର୍ ଜୀବନ୍ କେ ସୁଖ୍, ଶାନ୍ତି ଆର୍ ସମୃଦ୍ଧିଥି ଭରି ଦଉ- ମାଁ ସମଲେଇଙ୍କର ପାହାତଲେ ଇଟା ହିଁ ଗୁହାରି କରୁଛେଁ ।

ସମକର ନୂଆଁଖାଇ ଭଲ୍ ସେ କଟୁ, ମାଁ ସମଲେଇ ସମକୁ ଭଲ୍ ସେ ରଖୁନ୍!

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା





# ଗଣପତି ପାପା ମୋରିଆ: ସାଇଲେନ୍ସ ଜୋନରେ ୪୩ ଚିତାକର୍ଷକ ମେଢ଼










ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ଜିଲ୍ଲା ସମେତ ସହରରେ ୧୪ ତାରିଖ ବିଦ୍ୟାଦାତା ଗଣେଶଙ୍କ ପୂଜା ଧୁମ୍‌ଧାମରେ ପୁରପଲ୍ଲୀ ଠାରୁ ଆରମ୍ଭ କରି ବାଲେଶ୍ୱର ସହରରେ ଜାକଜମକରେ ଆରମ୍ଭ ହୋଇଛି । ମୁଖ୍ୟତଃ ଫକୀରମୋହନ ଗୋଲେଇ, ଲରୀ କ୍ଲବର ସାଜସଜ୍ଜା ଦର୍ଶକଙ୍କୁ ମୁଗ୍ଧ କରିଥିବା ବେଳେ ସାଇଲେନ୍ସ ଜୋନରେ ୪୩ଟି ମେଢ଼ ପୂଜା ପାଉଥିଲା । ସୂଚନା ମିଳିଛି ପିଆଇବି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କ ଠାରୁ । ପ୍ରକାଶଯେ, ବାଲେଶ୍ୱରର ଡିଆଇଜି ପିନାକ୍ ମିଶ୍ର ଆୟୋଜିତ ଶାନ୍ତି କମିଟିରେ ବୈଠକରେ ସମସ୍ତ ପୂଜା କମିଟିର କର୍ମକର୍ତା ସୂଚନା ଦେଇ କହିଥିଲେ ଏଥର ଡିଜେ ମୁକ୍ତ ଭସାଣି, ମଦମୁକ୍ତ ରୋଷଣୀ ମଧ୍ୟରେ ଗଣେଶ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତା'ଛଡ଼ା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଉପଜିଲ୍ଲାପାଳ ଶିବ ମାଲବ୍ୟ, ସଦର ବିଧାୟକ ମାନସ ଦତ, ଏଏସପି ପରେଶ ରାଉତ, ଏସପି ପ୍ରବେସନ ମନିଷା ମିତଲ, ପ୍ରମୋଦ ମଲ୍ଲିକ, ଟାଉନଥାନା ଅଧିକାରୀ ବିଜୟ ଦାସ, ପ୍ରଜ୍ଞା ମହାନ୍ତି, ସବିତା ସାହୁ, ଚିତରଂଜନ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ତପନ ଖୁଂଟିଆ, ହେମନ୍ତ ସିଂ ପ୍ରମୁଖଙ୍କ ସମେତ ଅତିରିକ୍ତ ଏସପି ଦେବଜ୍ୟୋତି ଦାସ, ନିରଂଜନ ବେହେରା ପ୍ରମୁଖ ଶାନ୍ତି କମିଟିରେ ଉପସ୍ଥିତ ରହି ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି । ଫଳରେ ସାଉଲେନ୍ସ ଜୋନ ମଧ୍ୟରେ ଏଥର ମୋଟ ୪୩ଟି ଚିତାକର୍ଷକ ମେଢ଼ ପୂଜା ହେଉଛି । ଆସନ୍ତା ୧୬ ତାରିଖ ବାଲିଘାଟ ଠାରେ ଦୁର୍ଗାପୂଜା ଭଳି ସିନେମାଛକ ଠାରେ କ୍ରମାନ୍ୱୟରେ ନମ୍ବରିଂ ହୋଇ ମେଢ଼ ଗୁଡ଼ିକ ଭସାଣି ଉତ୍ସବରେ ସାମିଲ ହେଲେ । ସେହିଭଳି ଆସନ୍ତା ୧୮ ତାରିଖ ଅନ୍ୟ ୪୩ଟି ମେଢ଼ ସେମାନେ ମଧ୍ୟ ବାଲିଘାଟ ଠାରେ ବିସର୍ଜିତ ହେବ । ସହଦେବଖୁଂଟା ଥାନାଧିକାରୀ ଆଲୋକ ବେହେରାଙ୍କ ନେତୃତ୍ୱରେ ୪୧ଟି ମେଢ଼ ନୁଣିଆଯୋଡ଼ି ଠାରେ ବିସର୍ଜିତ ହେବ । ଏଥିପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଏସଆଇ, ଏଏସଆଇ ୮୭ଜଣ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ୭ଜଣ., ୪ଜଣ ଡିଏସପି, ୧୨ଜଣ ଇନ୍ସପେକ୍ଟର, ୨୧୬ଜଣ ହୋମଗାର୍ଡ଼ ନିଯୁକ୍ତ କରାଯାଇଥିବା ବେଳେ ସହରରେ ଯେଉଁମାନେ ଏନଓସି ନେଇଛନ୍ତି ସେମାନଙ୍କର ସଂଖ୍ୟା ହେଉଛି ୧୫୭ଜଣ । ପ୍ରତ୍ୟେକ ମେଢ଼ ନିକଟରେ ପୋଲିସ ମୁତୟନ କରାଯାଇଛି । ଯାହାହେଉ ଇନ୍ଦ୍ରଦେବଙ୍କ ଶୁଭଦୃଷ୍ଟି ଯୋଗୁଁ ବର୍ଷା ନହେବା ଫଳରେ ଆଜି ସହରରେ ସାଇଲେନ୍ସ ଜୋନ ଓ ଲୋରି କ୍ଲବ ଠାକୁର ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ପୋଲିସକୁ ନାକେଦମ ହେବାକୁ ପଡ଼ିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ୧୪ ତାରିଖ ସଂଧ୍ୟାରେ ସୂଚନା ଦିଆଯାଇଛି କି ଡିଜେ, ଲେଜର ଲାଇଟ, ମାଦକଦ୍ରବ୍ୟ, ମାରଣାସ୍ତ୍ର ଉପରେ ପ୍ରଶାସନିକ ଅଙ୍କୁଶ ଜାରି କରାଯାଇଥିବା ବେଳେ ପୂଜା କମିଟିର କର୍ମକର୍ତାମାନେ ଏହା ଉପରେ ଗୁରୁତ୍ୱ ଦେବାପାଇଁ ଅନୁରୋଧ କରାଯାଇଛି ।

# ବାଲେଶ୍ୱର କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି



ବାଲେଶ୍ୱର(ନି.ପ୍ର.): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି । ଏଥିପାଇଁ ଗଠିତ ଜିଲ୍ଲାସ୍ତରୀୟ କ୍ରିୟାନୁଷ୍ଠାନ ପକ୍ଷରୁ ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ଗତ ବୈଠକରେ ବିବରଣୀ ପାଠ କରିଥିବା ସହିତ ଆୟ-ବ୍ୟୟର ବିବରଣୀ ପ୍ରଦାନ କରିଥିଲେ । ସଭା ଆରମ୍ଭରେ ନେପାଳର ପ୍ରଳୟଙ୍କରୀ ହିମସ୍ଖଳନଜନିତ ବନ୍ୟାରେ ମୃତାହତ ଓ ବାସଶୂନ୍ୟ ହୋଇଥିବା ଲୋକଙ୍କ ପ୍ରତି ସମବେଦନା ଜଣାଇବା ସହ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ଶ୍ରୀ ମିଶ୍ର ଦୈନିକ ସମାଜ ୧୪-୦୮-୨୬ରେ ପ୍ରକାଶିତ ସରକାରଙ୍କ ନିଷ୍ପ ଅନୁସାରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ଏକାଡେମୀ ପରିଷଦର ଘୋଷଣା ଅନୁଯାୟୀ ରାଜ୍ୟରେ ଅଧିକ ୨ଟି କୃଷି ମହାବିଦ୍ୟାଳୟ ରାଇରଙ୍ଗପୁର ଓ ବଲାଙ୍ଗୀର ଏବଂ ପଶୁବିଜ୍ଞାନ ଓ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ଯଥାକ୍ରମେ ଚିପିଲିମା ଓ ସୋନପୁରରେ ପ୍ରତିଷ୍ଠା ନିଷ୍ପ ହୋଇଛି ବୋଲି ପ୍ରକାଶ କରିଥିଲେ । ବିଶେଷକରି ରାଇରଙ୍ଗପୁରରେ ଅସ୍ଥାୟୀ କ୍ୟାମ୍ପସ୍‌ରେ ୬୦ଜଣ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି । ଏହାଦ୍ୱାରା ରାଜ୍ୟରେ ଅଧିକ ବୈଷୟିକ ମାନବ ସମ୍ବଳର ବିକାଶ ହେବାର ଥିବାରୁ ସମିତିରେ ଆନନ୍ଦ ପ୍ରକାଶ ପାଇଥିଲା । ମାତ୍ର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସମିତିକୁ ତା ୧୬-୦୧-୨୫ରିଖରେ ମିଳିଥିବା ପ୍ରତିଶ୍ରୁତି ଅନୁଯାୟୀ ବାଲେଶ୍ୱରର ଦାବି ପ୍ରତି ଅବହେଳା ପ୍ରଦର୍ଶନ କରାଯାଇଛି ବୋଲି ଗଭୀର କ୍ଷୋଭ ପ୍ରକାଶ ପାଇଛି । ଏ ବିଷୟରେ ଜିଲ୍ଲାର ମାନ୍ୟବର ସାଂସଦ ଓ ମାନ୍ୟବର ସମସ୍ତ ବିଧାୟକମାନଙ୍କୁ ଜଣାଇ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରାଯିବ ବୋଲି ସ୍ଥିର ହେଲା । ପୁନର୍ବାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ସାକ୍ଷାତକରି ଆମର ଦାବି ଆଲୋଚନା କରାଯିବା ନିଷ୍ପ ଗ୍ରହଣ କରାଗଲା । ପୁନଃଚ ଆଗାମୀ ଦିନରେ ଆଳିକ ବ୍ଲକ୍ ସମିତିମାନଙ୍କରେ ବୈଠକ କରାଯାଇ ତୃଣମୂଳ ସ୍ତରରୁ ଦୁର୍ବାର ଆନ୍ଦୋଳନ କରାଯିବାକୁ ସ୍ଥିର ହେଲା । ପୁଣି ଆଗାମୀ ମୌସୁମୀ ବିଧାନସଭା ଅଧିବେଶନରେ ଆମର ଦାବି ଉପରେ ଘୋଷଣା ହେବ ବୋଲି ଉପସ୍ଥିତ ସଦସ୍ୟା ଆଶା ବ୍ୟକ୍ତ କଲେ । ଅନ୍ୟଥା ଆଗାମୀ ବଜେଟ୍ ଅଧିବେଶନ ସମୟରେ ବିଧାନସଭା ସମ୍ମୁଖରେ ଧାରଣା ଦେବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଦିଆଗଲା ।

ବରିଷ୍ଠ ସଭ୍ୟ ଡ. କ୍ଷିତୀଶ ଚନ୍ଦ୍ର ଦାଶ, ପ୍ରଫୁଲ୍ଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଡ. ତାରାକାନ୍ତ ନନ୍ଦ, ରବି ନାରାୟଣ ଭୋଳ, ବିଜନ କୁମାର ଦେ, ସୁରେନ୍ଦ୍ର ପ୍ରସାଦ ବେହେରା, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ମାୟାଧର ବିଶ୍ୱାଳ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ରବି କୁମାର ପାଣିଗ୍ରାହୀ, ଯତୀନ୍ କୁମାର ପାତ୍ର, ସୀତାରାମ ପ୍ରଧାନ, ନିତ୍ୟାନନ୍ଦ ରାଉତ ଓ ପୁରୁଷୋମ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସଭ୍ୟ ନିତ୍ୟ ଗୋପାଳ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ସଭାପତି ସଭାସାଙ୍ଗ କରିଥିଲେ ।

# ମୁନ କମ୍ୟୁନିକେସନ ପକ୍ଷରୁ ଆରମ୍ଭ ହେଲା ବନ୍ୟା ପରବର୍ତୀ ନୀଳ ରକ୍ତ କଙ୍କଡ଼ା ଉଦ୍ଧାର ଅଭିଯାନ




ବାଲେଶ୍ୱର(ନି.ପ୍ର.): ବନ୍ୟା ପରବର୍ତୀ ସ୍ଥିତିକୁ ଦୃଷ୍ଟିରେ ରଖି ନୀଳରକ୍ତ କଙ୍କଡା ଉଦ୍ଧାର ଅଭିଯାନ ସାମାଜିକ ସଂଗଠନ 'ମୁନ କମ୍ୟୁନିକେସନ' ତରଫରୁ ମହିଁଶାଳୀ ମୁହାଁଣରେ ଆରମ୍ଭ କରାଯାଇଛି ।

ସଂଗଠନର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଉଦ୍ଧାର କାର୍ଯ୍ୟକ୍ରମରେ ପରିବେଶ କର୍ମୀ ଉଦୟଭାନୁ ନାୟକ, ଭବାନୀ ଶଙ୍କର ବେହେରା ଯୋଗ ଦେଇ ପର୍ଯ୍ୟାୟ କ୍ରମେ ଜାଲରେ ଛନ୍ଦି ଥିବା ନୀଳରକ୍ତ କଙ୍କଡା ଉଦ୍ଧାର କରିବା ସହ ସେସବୁକୁ ବଙ୍ଗପୋସାଗରରେ ଛାଡିଥିଲେ କ୍ଷ ଗବେଷକଙ୍କ ଗବେଷଣା ଅନୁସାରେ ପୂର୍ଣ୍ଣିମା ଓ ଅମାବାସ୍ୟା ତିଥିରେ ସମୁଦ୍ରରେ ଅଧିକ ଜୁଆର ହେଉଥିବାରୁ ସେମାନେ ଅଧିକ ସଂଖ୍ୟାରେ ଭାସି ଆସନ୍ତି ଓ ଜୁଆର ଛାଡି ଯିବା ପରେ କୂଳରେ ପଡିଥିବା ଜାଲରେ ଛନ୍ଦି ମୃତ୍ୟୁ ବରଣ କରନ୍ତି । ଏଥିପାଇଁ ମୁହାଁଣର ମତ୍ସଜିବୀ ମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ କରି ନୀଳରକ୍ତ କଙ୍କଡାର ମୃତ୍ୟୁର କାରଣ ଓ ଚିକିତ୍ସା ଜଗତକୁ ତାର ଅବଦାନ କଣ ସେସମ୍ପର୍କରେ ଆଲୋଚନା କରାଯାଇ ଥିଲା । ସମସ୍ତେ ଏମାନଙ୍କ ଜୀବନ ଶୈଳୀ ଓ ଚିକିତ୍ସା ଜଗତ ପ୍ରତି ଏମାନଙ୍କ ରକ୍ତର ଅବଦାନ ସମ୍ପର୍କରେ ଜାଣି ଜାଲରେ ଲାଗି ମୃତ୍ୟୁବରଣ କରୁଥିବା ନୀଳ ରକ୍ତ କଙ୍କଡାକୁ ମୃତ୍ୟୁ ମୁଖରୁ ବଂଚାଇ ବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଶେଷରେ ଏମାନଙ୍କ ମୃତ୍ୟୁର କାରଣ ପାଲଟୁଥିବା ଛିଣ୍ଡା ଜାଲସବୁକୁ ମୁହାଁଣରୁ ସଫା କରାଯାଇ ଥିଲା କ୍ଷ କର୍ତିକ ନାୟକ, ଜଳଧର ବେହେରା, ଅଚ୍ୟୁତ ସିଂ,ବିବେକ ମାରାଣ୍ଡି, ସୁବାଷ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ବିଘ୍ନରାଜଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ

ନୀଳଗିରି,(ନିପ୍ର), ନୀଳଗିରି ଉପଖଣ୍ଡ ରେସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ରେ ଗଣେଶ ପୂଜା ମହା ଆଡମ୍ବର ରେ ପାଳିତ ହୋଇଯାଇଛି । ଏଥିରେ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନ ତଥା ସ୍କୁଲ, କଲେଜ, ଅଫିସ୍ ଏବଂ ସମସ୍ତ ପୂଜା ମଣ୍ଡପରେ ପୂଜା ପାଇଛନ୍ତି ଅଗ୍ରପୂଜ୍ୟ ଶ୍ରୀ ଗଜାନନ ଗଣେଶ ।ଆଜି ହେଉଛି ଅଗ୍ରପୂଜ୍ୟ ଶ୍ରୀ ଗଜାନନ ଙ୍କ ଧରାବତରଣ ଦିବସ । ଏଥିପାଇଁ ଗାଁ ଠାରୁ ସହର ସବୁଠି ମନୋଜ୍ଞ ପରିବେଶ ରେ ପୂଜା କରାଯାଉଛି ।ନୀଳଗିରି ସହର ରେ ଥିବା ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନ ଓ ବେସରକାରୀ ଶିକ୍ଷାନୁଷ୍ଠାନ , ନୀଳଗିରି ଉପଖଣ୍ଡ ରେ ଥିବା ସମସ୍ତ ଏସଏସଡ଼ି ବିଦ୍ୟାଳୟ , ସେବାଶ୍ରମ,ଆଶ୍ରମ, କନ୍ୟା ଶ୍ରମ, ଓଡ଼ିଶାଆଦର୍ଶ, କଳିଙ୍ଗ ମଡେଲ, ଏକଲବ୍ୟ ବିଦ୍ୟାଳୟରେ ମଧ ଶ୍ରୀ ଗଜାନନ ଙ୍କ ପୂଜା , ଅତ୍ୟନ୍ତ ଭାବମୟ ଆଧାତ୍ମିକ ପରିବେଶ ରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି । ବୈଦିକ ରୀତିନୀତି ଏବଂ ସରକାରଙ୍କ ନିୟମ ଅନୁଯାୟୀ ପୂଜା ଅନୁଷ୍ଠିତ ହୋଇଥିଲା । ଏହି ପୂଜା ରେ ,ସ୍କୁଲ ର ପ୍ରଧାନ ଶିକ୍ଷକ,ସହ କାରୀ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ସମସ୍ତ ଛାତ୍ର/ଛାତ୍ରୀ ମାନେ ଉପସ୍ଥିତ ରହି , ପୁଷ୍ପାଞ୍ଜଳୀ ଦେବା ସହିତ ନିଜ ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରିଥିବା ଦେଖାଯାଇଛି ।ଅପରପକ୍ଷରେ ନୀଳଗିରି ବସ ଷ୍ଟାଣ୍ଡ ଠାରୁ ବାଇପାଶ ଦେଇ ଘାଟଘରସାହି ପର୍ଯ୍ୟନ୍ତ ମୋ ?ଯ୍ୟ ବୟଜେ କ୍ଲବ, କୁମାର ଯୁବକ ସଙ୍ଘ, ସଂଘର୍ଷ କ୍ଲବ,ମହାରାଜ କ୍ଲବ, ଷ୍ଟେସନ ସାହିର ମୁନ୍‌ଲାଇଟ କ୍ଲବ, ଗଜାନନକ୍ଲବ,ୱାରିୱାରକ୍ଲବ,ହେପି କ୍ଲବ, କିଷ୍ଟ ।କ୍ଲବ,ଫ୍ରେଣ୍ଡ ସ କ୍ଲବ,ଲାୟନ୍ସ କ୍ଲବ, କଳିଙ୍ଗ ପାଠାଗାର ସମେତ୧୫ଉର୍ଦ୍ଧ୍ୱ ମେଢ ରେ ୨୫ଫୁଟ ପର୍ଯ୍ୟନ୍ତ ବିଶାଳ ମୂର୍ତି ରେ ପୂଜା ପାଉଛନ୍ତି ।ସବୁ ମେଢ଼ ରେ ସୁନ୍ଦର ସାଜଶଯ୍ୟା ସହିତ ରଙ୍ଗୀନ ଆଲୋକ ମାଳା ଝଲସି ଉଠୁଥିବାରୁ ଭକ୍ତ ଓ ଦର୍ଶକ ମନ ମହୁଛି ।ପ୍ରତ୍ୟେକପୂଜା ମଣ୍ଡପରେ ସନ୍ଧ୍ୟାରେ ଭଜନ, କୀର୍ତନ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି ।

# ଶିକ୍ଷାର ବିକାଶ ପାଇଁ ସଂକଳ୍ପନେଲେ ଛାତ୍ରଛାତ୍ରୀ



ବାଲେଶ୍ୱର(ନି.ପ୍ର.) ବାଲେଶ୍ୱରର ବଟେଶ୍ୱର ସ୍ଥିତ ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ଓ ଶ୍ରୀରାମଚନ୍ଦ୍ର ଟୋଲର ମିଳିତ ସହଯୋଗରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉଭୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ୨ଟି ଅନୁଷ୍ଠାନର ଶିକ୍ଷାର ବିକାଶ ପାଇଁ ସଂକଳ୍ପ ନେଇ ପୁଷ୍ପାର୍ଘ୍ୟ ଅର୍ପଣ କରିଛନ୍ତି । ଏହି ଅବସରରେ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍କୁଲର ସାଜସଜ୍ଜା ସାଂଗକୁ ବିଘ୍ନରାଜଙ୍କ ପ୍ରତିମୂର୍ତି, ପୂଜାର୍ଚ୍ଚନା, ହୋମଯଜ୍ଞ ଇତ୍ୟାଦି କାର୍ଯ୍ୟ ଶାନ୍ତି ଶୃଂଖଳାରେ ନିରଂଜନ ଦାସ, ଶରତ ଆଚାର୍ଯ୍ୟ ଓ ରମେଶ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶେଷ ହୋଇଛି ।

# ସ୍ୱର୍ଗତ ଅନିରୁଦ୍ଧ ନନ୍ଦଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.)ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ,ଆଜି ସକାଳ ୧୧ ଘଟିକା ସମୟରେ ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସ୍ୱର୍ଗତ ସାମ୍ବାଦିକ ଅନିରୁଦ୍ଧ ନନ୍ଦଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ଗିରିଶ ଚନ୍ଦ୍ର ଦାସ ଯୋଗଦେଇ କହିଥିଲେ କି ଅନିରୁଦ୍ଧ ନନ୍ଦଙ୍କ ଭଳି ସାମ୍ବାଦିକ ଆଉଥରେ ଜନ୍ମହେବା ଅସମ୍ଭବ । ସେ ଅତ୍ୟନ୍ତ ସ୍ୱାଭିମାନୀ ଥିଲେ । ଅନ୍ୟମାନଙ୍କ ମଧରେ ସାମ୍ବାଦିକ ତ୍ରିଲୋଚନ ମହାନ୍ତି, ମହେଶ୍ୱର ପ୍ରଧାନ,ମିନତୀ ଦାସ, ରମେଶ ଚନ୍ଦ୍ର ଗିରି, ରତ୍ନାକର କରିବା, ଲକ୍ଷ୍ମୀଧର ମଣ୍ଡଳ, ଶ୍ରୀ ଉଜ୍ଜ୍ୱଳ ଚନ୍ଦ୍ର କର,ସିତାନାଥ ଦାସ,ହିତ୍ରିକ ନାୟକ,କଞ୍ଚମଣୀ ସ୍ୱାଇଁ,ଅଭୟ ଦାଶ, ହିମାଂଶୁ ଦାସ, ରଞ୍ଜନ କୁମାର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନନ୍ଦଙ୍କ ସ୍ମୃତିଚାରଣ କରିଥିଲେ । ସର୍ବଶେଷରେ ଧନ୍ୟବାଦ ସହ ସଭା ସାଙ୍ଗ କରାଯାଇଥିଲା । ଶେଷରେ ମିନତୀ ଦାସ ଧନ୍ୟବାଦ ଦେଇଥିଲେ ।

# ଜୁନିଅର ରେଡ୍ କ୍ରସ୍‌ର ୩ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଝାରସୁଗୁଡ଼ା(ନିପ୍ର): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜୁନିଅର ରେଡ୍ କ୍ରସ୍, ଝାରସୁଗୁଡ଼ା ପକ୍ଷରୁ ଆୟୋଜିତ ୩ ଦିନିଆ ଅପ୍ରଶିକ୍ଷିତ ପରାମର୍ଶଦାତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇ ଯାଇଛି । ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇଥିବା ଜୁନିଅର ରେଡ୍ କ୍ରସ୍ କାଉନସ୍ଲେରମାନଙ୍କୁ ବିଭିନ୍ନ ମାନବିକ ଓ ସେବାମୂଳକ କାର୍ଯ୍ୟ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ପ୍ରଶିକ୍ଷଣ ସମୟରେ ଜୁନିଅର ରେଡ୍ କ୍ରସ୍‌ର ଉଦ୍ଦେଶ୍ୟ ଓ ଆଦର୍ଶ, ପ୍ରାଥମିକ ଚିକିତ୍ସା, ଦୁର୍ଯୋଗ ପରିଚାଳନା, ଆପତ୍‌କାଳୀନ ପରିସ୍ଥିତିରେ ସେବା ପ୍ରଦାନ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ମାନବିକ ମୂଲ୍ୟବୋଧ ଏବଂ ବିଦ୍ୟାଳୟ ସ୍ତରରେ ଜୁନିଅର ରେଡ୍ କ୍ରସ୍ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ଆଦି ବିଷୟରେ ବିଶେଷଜ୍ଞମାନେ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମଟି ଜିଲ୍ଲା ଜୁନିଅର ରେଡ କ୍ରସ ଅଧିକାରୀ ଡ଼. ବବନ ସିଂଙ୍କ ନେତୃତ୍ୱରେ ହୋଇଥିବା ବେଳେ ଜିଲ୍ଲା ସମ୍ପାଦକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା ପ୍ରତ୍ୟକ୍ଷ ଭାବେ ଦାୟିତ୍ୱ ତୋଳାଇଥିଲେ । କାର୍ଯ୍ୟକ୍ରମ ଉଦ୍‌ଯାପନୀ ସମାରୋହରେ ଅତିଥିମାନେ କାଉନସ୍ଲେରମାନଙ୍କୁ ନିଜ ନିଜ ବିଦ୍ୟାଳୟରେ ଜୁନିଅର ରେଡ୍ କ୍ରସ୍‌ର କାର୍ଯ୍ୟକଳାପକୁ ଅଧିକ ସକ୍ରିୟ ଓ ପ୍ରଭାବଶାଳୀ କରିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା, ସହଯୋଗ, ଶୃଙ୍ଖଳା ଓ ମାନବିକତାର ଭାବନା ବିକଶିତ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ପ୍ରଶିକ୍ଷଣାର୍ଥୀମାନଙ୍କୁ ପ୍ରଶିକ୍ଷଣ ସମାପ୍ତି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଶ୍ରୀଶ୍ରୀ ବରାହ ଦେବଙ୍କ ଆବିର୍ଭାବ ଦିବସ ଓ ଗଣେଶ ଚତୁର୍ଥୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ମୁନସୀ ପାଲିଟି ଅନ୍ତର୍ଗତ ୬ ନ ୱାର୍ଡ ଅନ୍ତର୍ଗତ ପଂଚୁଘଂଟା ଗ୍ରାମରେ ଅବସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଜଳେଶ୍ୱର ଶାଖା ତରଫରୁ ଆଶ୍ରମ ର ସମ୍ମିଳନୀ କକ୍ଷରେ ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଜଳେଶ୍ୱର ଶାଖା ର ସଂଯୋଜକ ବି କେ ବିଜୟ କୁମାର ଗିରି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଡଭାବରେ ବ୍ଲକ ଚେୟାରମ୍ୟାନ ମାନସ କୁମାର ଦେଖା କାଯ୍ୟକ୍ରମ କୁ ଉଦଘାଟନ କରି ବକ୍ତବ୍ୟ ରେ ଶ୍ରୀ ଶ୍ରୀ ବରାହ ଦେବ ଙ୍କ ଆବିର୍ଭାବ ସମ୍ପର୍କ ରେ ଅବଗତ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନ ସମୂହ ର ପ୍ରାଣ ପ୍ରତିଷ୍ଠାତା ଚେୟାର ମେନ ଅଧକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟରେ କହିଥିଲେ । ବରାହ ଜୟନ୍ତୀ ର ଆଧାତ୍ମିକ ବିଷୟ ମଧ୍ୟରେ ଏକ ବିଶେଷ ଆଧାତ୍ମିକ ସଂଯୋଗ ରହିଛି ।



ବ୍ରହ୍ମାକୁମାରୀ ସଂସ୍ଥାରେ ଏହି ଦିନକୁ ଅତ୍ୟନ୍ତ ପବିତ୍ର ଭାବେ ପାଳନ କରାଯାଇଥାଏ । ଏହି ଦିବସର ସମ୍ପୂର୍ଣ୍ଣ ଆଧାତ୍ମିକ ମହତ୍ୱ ସମ୍ପର୍କରେ ଅବଗତ କରିଥିଲେ । ପ୍ରଜାପିତା ବ୍ରହ୍ମାକୁମାରୀ ସଂସ୍ଥାର ମତ ସନାତନ ହିନ୍ଦୁ ଧର୍ମରେ ଭାଦ୍ରବ ଶୁକ୍ଳ ତୃତୀୟା ତିଥିରେ ଭଗବାନ ବିଷ୍ଣୁଙ୍କ ବରାହ ଅବତାରଙ୍କ ଜନ୍ମ ବା ବରାହ ଜୟନ୍ତୀ ପାଳନ କରାଯାଏ । ବ୍ରହ୍ମାକୁମାରୀ ସଂସ୍ଥା ଅନୁସାରେ, ଏହି ଦିନଟି କେବଳ ଏକ ପୌରାଣିକ କଥା ନୁହେଁ, ବରଂ ଏହା ଧରାପୃଷ୍ଠରେ ପରମାତ୍ମା ଶିବଙ୍କ ଆଗମନ ଏବଂ କଲ୍ୟାଣକାରୀ କାର୍ଯ୍ୟର ଏକ ଆଧାତ୍ମିକ ପ୍ରତୀକ । ଆବିର୍ଭାବ ଦିବସର ରହସ୍ୟ ପୌରାଣିକ କଥା ଅନୁଯାୟୀ, ଯେତେବେଳେ ହିରଣ୍ୟାକ୍ଷ ନାମକ ଅସୁର ପୃଥିବୀକୁ ନେଇ ସମୁଦ୍ର ଗର୍ଭରେ ଲୁଚାଇ ଦେଇଥିଲା, ସେତେବେଳେ ଭଗବାନ ବରାହ ରୂପ ଧାରଣ କରି ପୃଥିବୀକୁ ଉଦ୍ଧାର କରିଥିଲେ । ବ୍ରହ୍ମାକୁମାରୀ ଆଧାତ୍ମିକ ଜ୍ଞାନ ଅନୁସାରେ, ଏହାର ପ୍ରକୃତ ଅର୍ଥ ହେଉଛି - ଯେତେବେଳେ ଏହି ସଂସାର ବା ପୃଥିବୀ ଅଜ୍ଞାନତା, ଶିକାର ଏବଂ ପାପଭ୍ରଷ୍ଟ ଅଥଳ ସମୁଦ୍ରରେ ବୁଡିଯାଏ, ସେତେବେଳେ ନିରାକାର ପରମାତ୍ମା ଶିବ ପ୍ରଜାପିତା ବ୍ରହ୍ମାଙ୍କ ଶରୀରରେ ଆବିର୍ଭାବ ହୋଇ ସାରା ବିଶ୍ୱକୁ ଜ୍ଞାନ ଏବଂ ରାଜଯୋଗ ଦ୍ୱାରା ଉଦ୍ଧାର କରିଥିଲେ । ସମ୍ମାନିତ ଅତିଥି ଭାବରେ କୌଶିକ ଠକ୍କର, ଅନୁଷ୍ଠାନ ରମୁଖ୍ୟ ସଂଚାଳିକା ରାଜ ଯୋ ଗିନୀ ବି କେ ସଂଜୁ ଭଉଣୀ ଓ ରାଜ ଯୋଗିନୀ ବି କେ ମିନତୀ ଭଉଣୀ । ରାଜ ଯୋଗୀ ବି କେ ବନମାଳୀ ଜେନା, ବି କେ ସିଲୁ ଭାଇ ବି କେ ଦୀପାଳୀ ଭଉଣୀ । ବି କେ କଲ୍ୟାଣୀ ଭଉଣୀ । ବି କେ ଅମୂଲ୍ୟ ଭାଇ, ବି କେ ପ୍ରଫୁଲ୍ଲ ଭାଇ, ବି କେ ପୁରେନ୍ଦ୍ର ଉପସ୍ଥିତ ହୋଇ ଯୋଗ ଓ ଏକାଗ୍ରତା ସମ୍ପର୍କ ରେ ଅବଗତ ହୋଇଥିଲେ । ଅନୁନ୍ୟ ରାଜ ଯେଗ, ରାଜ ଯେ, ଗିନୀ ଅନୁନ୍ୟ ୫୦ ରୁ ଉର୍ଦ୍ଧ୍ୱ ଉପସ୍ଥିତ ହୋଇ ଉକ୍ତ କାଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ଯୋଗନିଦ୍ରା ଓ ମାନସିକ ଚାପହ୍ରାସ କୌଶଳ ତାଲିମ ଶିବିର

ଭୁବନେଶ୍ୱର(ନିପ୍ର): ବର୍ତ୍ତମାନ ସାମାଜିକ ସ୍ଥିତି କାରଣରୁ ଅଧିକାଂଶ ବ୍ୟକ୍ତି ମାନସିକ ଚାପହେତୁ ଆବଶ୍ୟକ ପରିମାଣର ନିଦ୍ରା ଅଭାବ ଜନିତ ସମସ୍ୟାରେ ଜର୍ଜରିତ । ନିଦ୍ରା ଶରୀରକୁ ପୁନଃନବୀକରଣ ଶକ୍ତି ଯୋଗାଉଥିବାରୁ ଏହାର ଅଭାବହେତୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅନେକ ରୋଗ ସୃଷ୍ଟି ହେଉଛି ବୋଲି ଋଷି ଚୈତନ୍ୟ ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ଆନନ୍ଦମୂର୍ତ୍ତି ଗୁରୁମା କହିଛନ୍ତି । ଭୁବନେଶ୍ୱର ନିଳାଦ୍ରୀବିହାରଠାରେ ଏକ 'ଯୋଗନିଦ୍ରା' ତାଲିମ କାର୍ଯ୍ୟକ୍ରମ ପରିଚାଳନା ଅବସରରେ ଉତମ ସ୍ୱାସ୍ଥ୍ୟ ନିମିତ 'ଯୋଗନିଦ୍ରା'କୁ ଏକ ଅବ୍ୟର୍ଥ ଉପାୟ କହି ଏହାର ଅଭ୍ୟାସ ସମ୍ପର୍କରେ ବିସ୍ତୃତ ସୂଚନା ଓ କୌଶଳ ବର୍ଣ୍ଣନା କରିଛନ୍ତି । ମନରୁ ଚାପ ନିୟନ୍ତ୍ରଣ କରିବା, ମନ ଓ ଶରୀରକୁ ଶାନ୍ତ ରଖିବା, ମାନସିକ ଉଦ୍‌ବେଗ ହ୍ରାସ କରିବା ଆଦି ଉଦ୍ଦେଶ୍ୟରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ନାଲକୋର ବହୁ ବରିଷ୍ଠ ଅଧିକାରୀ, ପ୍ରଶାସକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବସର ପ୍ରାପ୍ତ କର୍ମଚାରୀ, ଚିକିତ୍ସକ, ବ୍ୟବସାୟୀ, ସାଧାରଣଜନତା ବହୁସଂଖ୍ୟାରେ ଯୋଗ ଦେଇଥିଲେ । ପୂର୍ବରୁ ଏହି କାର୍ଯ୍ୟକ୍ରମ ସହିଦନଗର, ଫୁଲନଖରା, କଟକର କେତେକ ସ୍ଥାନରେ ଆୟୋଜିତ ହୋଇ ଥିବାର ସୂଚନା ଆୟୋଜକ କର୍ମକର୍ତାମାନେ ସୂଚନା ଦେଇଥିଲେ ।



# ବିଦ୍ୟାଳୟରେ ପୂଜା ପାଇଲେ କୁନି କୁନି ହାତରେ ତିଆରି ଗଣେଶ ମୂର୍ତ୍ତି

ବାରିପଦା(ନିପ୍ର): କୁନି କୁନି ପିଲାମାନେ ଦେଖିଥିବା ଓ ଶିଖିଥିବା କାର୍ଯ୍ୟକୁ ଅତି ସହଜରେ ଅନୁକରଣ କରି ନିଜ ପ୍ରତିଭାର ପରିଚୟ ଦେଇପାରନ୍ତି ଓ ବାରିପଦା ସହରର ୧୫ ନମ୍ବର ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ପ୍ରତିବର୍ଷ ବିଦ୍ୟାଳୟରେ ଗଣେଶ ଓ ସରସ୍ୱତୀ ପୂଜା ଅବସରରେ ନିଜ ହାତରେ ମୂର୍ତ୍ତିତିଆରି କରି ପୂଜା କରିଥାନ୍ତି ଓ ଚଳିତ ବର୍ଷ ପୂଜାସ୍ଥଳର ସାଜସଜ୍ଜାଠାରୁ ଆରମ୍ଭ କରି ବିଭିନ୍ନ କଳାକୃତି ପର୍ଯ୍ୟନ୍ତ ସବୁକିଛିରେ ପିଲାମାନେ ନିଜର ଦକ୍ଷତାର ପରିଚୟ ଦେଇଛନ୍ତି । କୁନି କୁନି ହାତରେ ଗଢ଼ା ଗଣେଶଙ୍କ ମୂର୍ତ୍ତି ଓ ନିଜ ହାତରେ କରାଯାଇଥିବା ସୁନ୍ଦର ସାଜସଜ୍ଜା ଯେକୌଣସି ବ୍ୟକ୍ତିଙ୍କ ମନକୁ ଆକର୍ଷିତ କରୁଛି । ସୀମିତ ସାଧନ ମଧ୍ୟରେ ପିଲାମାନେ ନିଜର କଳ୍ପନାଶକ୍ତି ଓ ସୃଜନଶୀଳତାକୁ ବ୍ୟବହାର କରି ଯେଉଁ କାର୍ଯ୍ୟ କରିଛନ୍ତି । ତାହା ଅନ୍ୟମାନଙ୍କଠାରୁ ସେମାନଙ୍କୁ ଅଲଗା ପରିଚୟ ଦେଇଛି । ବିଶେଷକରି ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଛାତ୍ରମାନେ ଏହି ମୂର୍ତ୍ତି ତିଆରି ଓ ପୂଜା ସାଜସଜ୍ଜା କାର୍ଯ୍ୟରେ ସମ୍ପୂର୍ଣ୍ଣ ସମୟ ଦେଇଛନ୍ତି । ପାଠପଢ଼ା ସହିତ ନିଜର କଳା ପ୍ରତିଭାକୁ ବିକଶିତ କରି ବିଦ୍ୟାଳୟ ପାଇଁ ଗର୍ବ ଆଣିଦେବା ସହିତ ସେମାନେ ଅନ୍ୟ ପିଲାମାନଙ୍କ ପାଇଁ ମଧ୍ୟ ପ୍ରେରଣା ପାଲଟିଛନ୍ତି । ଛାତ୍ରଛାତ୍ରୀ କେବଳ ଚିତ୍ରକଳା ଓ ହସ୍ତକଳାରେ ପାରଙ୍ଗମ ନୁହନ୍ତି, ଖେଳକୁଦ, ନୃତ୍ୟ, ସଙ୍ଗୀତ ସମେତ ବିଭିନ୍ନ କ୍ଷେତ୍ରରେ ମଧ୍ୟ ସେମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଆସୁଛନ୍ତି । ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇ ବିଦ୍ୟାଳୟର ନାମକୁ ଗୌରବାନ୍ୱିତ କରିଛନ୍ତି । କୁନି କୁନି ହାତରେ ଗଢ଼ା ମୂର୍ତ୍ତି ଓ ହୃଦୟସ୍ପର୍ଶୀ ସାଜସଜ୍ଜା ମାଧ୍ୟମରେ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମାଣ କରିଛନ୍ତି ଯେ, ସୁଯୋଗ ମିଳିଲେ ପିଲାମାନଙ୍କ ସୃଜନଶୀଳତା ଚମତ୍କାର ସୃଷ୍ଟି କରିପାରେ ଓ ବିଦ୍ୟାଳୟ ପରିସରରେ ଥିବା ଗଣଶିକ୍ଷା ବିଭାଗର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ହଷ୍ଟେଲର ଦେବାଶିଷ ଗିରି, ଶିବ ସିଂହ ପ୍ରମୁଖ ସମ୍ପୂର୍ଣ୍ଣ ନେତୃତ୍ୱ ନେଇ ମୂର୍ତ୍ତି ନିର୍ମାଣ ଓ ସାଜସଜ୍ଜା କରିଥିଲେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ଜଣାଇଛନ୍ତି ।

# ପଣ୍ଡିତ ବିନାୟକ ମିଶ୍ରଙ୍କ ୧୩୩ ତମ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଆଲୋଚନା ଚକ୍ର




ନୟାଗଡ଼(ନିପ୍ର): ବିଶିଷ୍ଟ ସାରସ୍ୱତ ସାଧକ ପଣ୍ଡିତ ବିନାୟକ ମିଶ୍ରଙ୍କ ୧୩୩ ତମ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଆଲୋଚନା ଚକ୍ର ତାଙ୍କ ଜନ୍ମ ମାଟି ଶରଣକୁଳ ଠାରେ ସୋମବାର ପବିତ୍ର ଗଣେଶ ପୂଜାରେ ପାଳିତ ହୋଇଯାଇଛି । ଓଡିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର, ସହଯୋଗ ସ୍ୱେଚ୍ଛାସେବୀ ସଂଗଠନ ଓ ପୂଜ୍ୟପୂଜା କମିଟି ଶରଣକୁଳ ପକ୍ଷରୁ ସ୍ଥାନୀୟ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ ସଭାଗୃହରେ ମିଳିତ ଭାବେ ଅନୁଷ୍ଠିତ ହୋଇଥିବା ଏହି ଆଲୋଚନାଚକ୍ରରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରାଧାପକ ଡ଼. ଗୋବିନ୍ଦ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଶରଣକୁଳ ମହା ବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ମନୋଜିନି ଦଳବେହେରା, ଅବସର ପ୍ରାପ୍ତ ଅଧ୍ୟାପିକା ଡ଼. ପ୍ରିୟମ୍ବଦା ଦାଶ, ଗାୟକ କଳାନିଧି ପଣ୍ଡିତ ମନୋଜ କୁମାର ମିଶ୍ର, ବେଦଜ୍ଞ କିଶୋର ଚନ୍ଦ୍ର କର, କବି କଲ୍ଲୋଳ ଗୋଦାବରୀ ବସନ୍ତିଆ, ବେତାର କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ନୀଳମାଧବ ତ୍ରିପାଠୀ, ଶିଶୁକବି ନଳିନୀ ଦାଶ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପଣ୍ଡିତ ବିନାୟକ ମିଶ୍ରଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ କରିବା ସହିତ ତାଙ୍କର ଜୀବନୀ ଓ ସାରସ୍ୱତ ସୃଷ୍ଟି ଉପରେ ଆଲୋଚନା କରିଥିଲେ । ପଣ୍ଡିତ ବିନାୟକ ମିଶ୍ର ୧୮୯୪ ମସିହାରେ ଶରଣକୁଳ ମାଳିସାହି (ମିଶ୍ରଲେନ)ଠାରେ ଜନ୍ମ ଗ୍ରହଣ କରିଥିଲେ କ୍ଷ କଟକ ନର୍ମାଲ ଟ୍ରେନିଂ ସ୍କୁଲରେ ଉତୀର୍ଣ୍ଣ ହେବାପରେ ୧୯୧୫ ମସିହାରେ ନୀଳଗିରି ସ୍କୁଲ ରେ ଡ୍ରଇଁ ଶିକ୍ଷକ ରୂପେ ନିଯୁକ୍ତି ପାଇଥିଲେ । ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଓ ସାହିତ୍ୟରେ ଗଭୀର ଜ୍ଞାନ ଯୋଗୁଁ ମାତ୍ର ସପ୍ତମ ଶ୍ରେଣୀ ପାଠ ପଢିଥିଲେ ମଧ୍ୟ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ରୂପେ ନିଯୁକ୍ତି ପାଇଥିଲେ । ସେ ଓଡ଼ିଆ ଭାଷାର ଇତିହାସ, ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଆ ଭାଷାର ପୁରାତନ, ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ, ଭାରତୀୟ ଦର୍ଶନ ପ୍ରବେଶିକା, ଓଡ଼ିଆ ସାହିତ୍ୟ ପ୍ରକାଶ ସହିତ ଇଂରାଜୀ ଭାଷାରେ ତିନୋଟି ପୁସ୍ତକ ରଚନା କରି ଉତ୍କଳ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁନେଇ ଅନୁଷ୍ଠିତ ବକ୍ତୃତା ଓ କବିତା ପାଠ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପ୍ରଶଂଶା ପତ୍ର ସହିତ ସ୍ମୃତି ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କବିମାନେ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିବା ବେଳେ ସ୍ୱ ରଚିତ କବିତା ପାଠ କରିଥିଲେ କ୍ଷ କାର୍ଯ୍ୟକ୍ରମକୁ ସହଯୋଗ ଓ ପୂଜ୍ୟପୂଜା କମିଟିର ସମ୍ପାଦକ ତଥା କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ ପରିଚାଳନା କରିଥିବାବେଳେ ସଦସ୍ୟ ଜୟକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ ତିନି ସମ୍ପ୍ରଦାୟ ଏକ ହୋଇ ପାଳିଲେ ଗଣେଶ ପୂଜା



ନୀଳଗିରି(ନିପ୍ର): ଅଗ୍ରପୁଜ୍ୟ ବିଘ୍ନ ବିନାଶକ ଗଜାନନଙ୍କ ପୂଜା । ଏନେଇ ସବୁଠି ଉତ୍ସବ ମୁଖର ହୋଇଉଠିଛି । ନୀଳଗିରି ଏନଏସି ୮ ନମ୍ବର ୱାଡ଼ ଚିମିନିଭାଟି ଗାଁରେ ହିନ୍ଦୁ ମୁସଲମାନ ଓ ଖ୍ରୀଷ୍ଟିୟାନ ତିନି ସମ୍ପ୍ରଦାୟ ର ଲୋକ ବସବାସ କରନ୍ତି । ଏହି ତିନି ସମ୍ପ୍ରଦାୟର ଲୋକମାନେ ଏକ ହୋଇ ପାଳିଛନ୍ତି ଗଣେଶ ପୂଜା । ଯାହା ଭାଇଚାରର ନିଆରା ଉଦାହରଣ ପାଲଟିଛି ଚିମିନିଭାଟି ଗାଁ । ଗ୍ରାମରେ ଥିବା ହେପି କ୍ଲବରେ ଗତ ୨୦୧୭ରୁ ଆରମ୍ଭ ହୋଇ ଆଜି ୧୦ବର୍ଷରେ ପଦାର୍ପଣ କରିଛି । ତେବେ କ୍ଲବ ରେ ଏହି ତିନି ଧର୍ମାବଲମ୍ବି ଲୋକମାନେ ଏକଯୋଟ ହୋଇ ସହଯୋଗ ସହିତ ଭାଇଚାରା ନୀତି ରେ ପୂଜା ସମ୍ପାଦନ ହୋଇ ଥାଏ । କ୍ଲବ ର ସଦସ୍ୟ ସ୍ୱର୍ଗତ ସ୍ନେହାଶିଷ ଦାସଙ୍କ ର ତିନିବର୍ଷ ତଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରେ ମୃତ୍ୟୁ ହୋଇଥିଲା ବେଳେ ଆଜି ପୂଜା ଅବସରରେ ତାଙ୍କର ଆତ୍ମାର ସଦଗତି କାମନା କରାଯାଇ ଥିଲା । କ୍ଲବର ସଭାପତି ମଂଟୁ ବେହେରା, ସମ୍ପାଦକ ବିଭୂ ବେହେରା, କୋଷାଧକ୍ଷ ରବି କୁମାର, ସଦସ୍ୟ ନିହାର ବେହେରା, ରାଜେନ୍ଦ୍ର ପ୍ରଧାନ, ବସନ୍ତ କୁଅଁର, ବସନ୍ତ ଦାସ, ମନୋଜ ବେହେରା, ବସନ୍ତ ବେହେରା, ହିମାଂଶୁ ବେହେରା, ଶେଖ୍ କମରୁଦ୍ଦିନ, ଶେଖ୍ ତୌର ମହମ୍ମଦ, ଶେଖ୍ ତରିମ ଅଲ୍ଲି ଖାଁ, ଶେଖ୍ ମନସୁର୍ ମହମ୍ମଦ, ପ୍ରମୁଖ ପୂଜାରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## AFFIDAVIT

By virtue of an affidavit sworn before The Executive Magistrate, Soro dated 07.09.2026.I, Jyotikrishna Chanda, wife Jitendra Chanda of permanent resident of At-Sirapur Po-Sirapur PS-Soro , Dist- Balasore, State- Odisha, Pin-756055 declare that I have changed my minor daughter name from Priyanka Chanda to Purbasa Preeti Prangya Chanda. Henceforth, She shall be known as Purbasa Preeti Prangya Chanda for all purposes.

Sd/-
Jyotikrishna Chanda

## AFFIDAVIT

By virtue of an affidavit on dt. 27.07.2026 before the Court of Executive Magistrate, Khaira, Balasore, I, Ranjita Pal, aged 44 years, W/o- Surendra Pal resident of At- Barahampur, Post- Srirampur, Dist- Balasore have declared that in my Aadhaar Card bearing No. 696650238148 where in my name has been recorded as Rajita Pal. But prior to my marriage I was known as Ratnamanjari Mohanty, D/o- Gayadhar Mohanty which recorded in my educational records as well as RPLI vide Policy No. R-OR-EA-478431. Ranjita Pal and Ratnamanjari Mohanty is one and same person.

Sd/-
Ranjita Pal

## ଦ.ପୂ. ରେଳପଥ - ନିଲାମ

**ଟେଣ୍ଡର ବିଜ୍ଞପ୍ତି ନଂ: (କ) ୧୧୪-ଇଏଲ୍‌ସି-ଜି-କେଜିପି-୨୬-୨୭-୧୩-ଜ୧ ଏବଂ (ଖ) ୧୧୪-ଇଏଲ୍‌ସି-ଜି-କେଜିପି--୨୬-୨୭-୧୮-ଆର୧ ।** ଭାରତର ରାଷ୍ଟ୍ରପତିଙ୍କ ତରଫରୁ, ବରିଷ୍ଠ ଉରର/ଏ/ଖଡ଼ଗପୁର-୭୨୧୩୦୧, ଦକ୍ଷିଣ ପୂର୍ବ ରେଳବାଇ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରଆହ୍ୱାନ କରୁଛନ୍ତି; ଏଥିପାଇଁ ନିର୍ଦ୍ଦିଷ୍ଟ ତାରିଖରେ ଦିନ ୧୨:୦୦ ଘଟିକା ପୂର୍ବରୁ ଆବେଦନ କରିବାକୁ ହେବ । କ୍ରମିକ ସଂଖ୍ୟା-(ଶ୍ୱ) । କାର୍ଯ୍ୟର ବିବରଣୀ: ଖଡ଼ଗପୁରସ୍ଥିତ ଝଝରର/ଐଞ୍ଜ/ଚଟଗଚ ଅଧୀନରେ କସି (ଉକ୍ଟଶ୍ୱଶ୍ୱଚର) ହଲ୍ଟ ନିକଟରେ ଥିବା ପୁରୁଣା ଅଚଳ 'କସି କୂଅ' ର ଉନ୍ନତିକରଣ ପାଇଁ ବିଦ୍ୟୁତ୍ କାର୍ଯ୍ୟ - ଯେଉଁଥିରେ ୨୦୦୦୦୦ ଗ୍ୟାଲନ୍ କ୍ଷମତା ବିଶିଷ୍ଟ ଭୂ-ପୃଷ୍ଠ ଜଳଭଣ୍ଡାର ସହିତ ନୂତନ ଉଓ ୩୦୦ ବ୍ୟାସ ବିଶିଷ୍ଟ ପାଇପ୍ ଲାଇନ୍ ଏବଂ ଷ୍ଟିଲ୍ ଷ୍ଟ୍ରକ୍ଚର୍ ସ୍ଥାପନ କରାଯିବ । ଟେଣ୍ଡର ମୂଲ୍ୟ: ଟ.୧,୨୧,୦୧,୪୯୦.୩୯ । ବିଡ୍ ସିକଭ୍ୟରିଟି/ଇ.ଏମ୍.ଡି. ଟ.୨,୪୨,୦୦୦ । କ୍ରମିକ ସଂଖ୍ୟା-(ସସ) । କାର୍ଯ୍ୟର ବିବରଣୀ: ବିଦ୍ୟୁତ୍ କାର୍ଯ୍ୟ-(କ) ରୂପସା-ବାଙ୍ଗରିପୋଷି ସେକ୍ସନ୍‌ରେ ଖଉ ଗେଟ୍ ନଂ. ଆରବି-୩୬ ର ଇଂଟରଲକିଂ ଏବଂ (ଖ) ହଳଦିପଡ଼ା (ଏଚ୍‌ଆଇପି) ଷ୍ଟେସନରେ (ଏଚ୍‌ଆଇପି) ସ୍ଥାପନ । ଟେଣ୍ଡର ମୂଲ୍ୟ: ଟ୧୦,୨୦,୯୭୩.୮୬ । ବିଡ୍ ସିକ୍ୟୁରିଟି/ଇ.ଏମ୍.ଡି. ଟ.୨୦,୪୦୦ । ଖୋଲିବା ତାରିଖ: ୨୫.୦୯.୨୦୨୬ କ୍ରମିକ ସଂଖ୍ୟା (କ) ଓ (ଖ) ପାଇଁଧ । ଟେଣ୍ଡର ଡକ୍ୟୁମେଂଟର ମୂଲ୍ୟ: ଶୂନ୍ୟ (ଉଭୟ କ୍ରମିକ ସଂଖ୍ୟା (କ) ଓ (ଖ) ପାଇଁ) । କାର୍ଯ୍ୟ ସମାପ୍ତି ଅବଧି: 'ସ୍ୱୀକୃତି ପତ୍ର' ଜାରି ହେବା ତାରିଖରୁ ୦୯ ମାସ ଥକ୍ରମିକ ସଂଖ୍ୟା (କ) ପାଇଁ ଏବଂ ୦୬ ମାସ ଥକ୍ରମିକ ସଂଖ୍ୟା (ଖ) ପାଇଁ । ଦାଖଲ କରିବାର ତାରିଖ: ୨୫.୦୯.୨୦୨୬ ଦିନ ୧୨:୦୦ ଘଟିକା ପର୍ଯ୍ୟନ୍ତ ଥଉଭୟ କ୍ରମିକ ସଂଖ୍ୟା (କ) ଓ (ଖ) ପାଇଁ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡର ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟ ବିବରଣୀ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନ୍‌ଲାଇନ୍ ମାଧ୍ୟମରେ ନିଜର ବିଡ୍ (ବିଆଇଡିଏସ୍) ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ମଧ୍ୟ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ୍ (ହାତରେ ଦାଖଲ କରାଯାଉଥିବା) ଟେଣ୍ଡର ଗ୍ରହଣ କରାଯିବ ନାହିଁ । ସୂଚନା: ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ ଙ୍ଗଙ୍ଗଙ୍ଗ.ସକ୍ସରକ୍ଟଶ୍ୱ.ଶକ୍ଟଙ୍ଖ.ସଭ ୱେବସାଇଟ୍ ପରିଦର୍ଶନ କରିପାରିବେ ।

(PR-761)





କୌଣସି ଲୋକ ତା ଭାଗ୍ୟ ଉପରେ ସନ୍ତୁଷ୍ଟ ନୁହେଁ, ସେହିପରି ତା'ର ବିକାଶ ଉପରେ ସେ ଖୁସି ଥାଏ ।

# ଆଜିକାଲି



ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ, ପରଧର୍ମାତ୍ ସ୍ୱନୁଷ୍ଠିତାତ୍ । ସ୍ୱଧର୍ମେନିଧନଂ ଶ୍ରେୟଃ, ପରଧର୍ମୋ ଭୟାବହଃ ।
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ନିଜର କୁଳଧର୍ମ ଦୋଷଯୁକ୍ତ ହେଲେ ମଧ୍ୟ ନିଜ କୁଳ ଧର୍ମରେ ମରିବା ବରଂ ଶ୍ରେୟ, ପରର କୁଳଧର୍ମ ଶ୍ରେଷ୍ଠ ହେଲେ ମଧ୍ୟ ତାହା ଗ୍ରହଣ କରିବା ଦୋଷଯୁକ୍ତ ଅଟେ ।

# ନବାନ୍ନ ଓ ନାରୀ ଚେତନା

ମାଟି ସହ ମଣିଷର ଭାବାବେଗ ସମ୍ପର୍କ ଅତ୍ୟନ୍ତ ପ୍ରାଚୀନ ଓ ନିବିଡ଼ । ଓଡ଼ିଆ ଜନ ଜୀବନରେ ଗ୍ରାମୀଣ ଖଟିଖିଆ ମଣିଷଟି ହେଉ ବା କୃଷକ ମାଟି ସହ ନିଜେ ମାଟି ହୋଇ ସେ ପାଳଟିଥାଏ ତମାଟିର ମଣିଷ' । ଆଉ ମାଟି ସହ ମିଶି ସେ ଯେଉଁ ଶସ୍ୟଟି ଉତ୍ପାଦନ କରିଥାଏ କୃତଜ୍ଞତା ଓ ଭକ୍ତିନୈବେଦ୍ୟ ସ୍ୱରୂପ ସେ ନିଜର ଉତ୍ପାଦିତ ପ୍ରଥମ ଶସ୍ୟକୁ ସେହି ମାଟି ମାଆ ପାଖରେ ନୈବେଦ୍ୟପୂର୍ବକ ଅର୍ପଣ କରିଥାଏ । ପଶ୍ଚିମ ଓଡ଼ିଶାର ପାରମ୍ପରିକ ନୂଆଖାଇ ପର୍ବ ଏହି ଲୌକିକ ବିଶ୍ୱାସକୁ ସୂଚିତ କରିଥାଏ । ପ୍ରାଚୀନ ଶାସ୍ତ୍ରରେ ବି ଲେଖାଯାଇଛି ଯେ କୃଷି କ୍ଷେତ୍ରରୁ ଉତ୍ପାଦିତ ଶସ୍ୟର ପ୍ରଥମ ଶସ୍ୟରାଶି ଭଗବାନଙ୍କ ପଦାରବିନ୍ଦରେ ସମର୍ପଣ ହୋଇଥାଏ । ମାଟି ମାଆର ଅନେକ ଆଶୀର୍ବାଦରୁ ଏହି ମାନବ ସମାଜ ଚିରକାଳ ଅନ୍ନପ୍ରାପ୍ତି କରିପାରିଥାଏ । ତେଣୁ ମାଟି ଓ ମଣିଷର ମିଳନର ପର୍ବ ନୂଆଖାଇରେ ଉଭୟ ଲୌକିକ ଓ ଆଧାତ୍ମିକ ତଥା ପାରମ୍ପରିକ ମୂଲ୍ୟବୋଧ ରହିଛି । ଶସ୍ୟପୂଜା ହେଉଛି ନବାନ୍ନର ମୂଳଭିତି । ତୈତିରୀୟ ଉପନିଷଦରେ ଲେଖା ଅଛି - 'ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍ ଅନ୍ନାଦେବ ଖଲ୍ୱିମାନି ଭୂତାନି ଜାୟନ୍ତେ, ଅନ୍ନେନ ଜାତାନି ଜୀବନ୍ତି, ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି ।' ଏହାର ମୂଳ ଅର୍ଥ ହେଉଛି ଅନ୍ନ ବା ଖାଦ୍ୟ ହେଉଛି ଈଶ୍ୱର । ଜୀବନର ପ୍ରତିଟି ପର୍ଯ୍ୟାୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଆର ଚିନ୍ତା ଚେତନାରେ ନବାନ୍ନ ବା ନୂଆଖାଇର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ତତୋଧିକ ଆଧାତ୍ମିକ ଭାବଧାରାରେ ପରିପୂର୍ଣ୍ଣ । ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ରୀତିନୀତିରେ ପାଳିତ ହେଉଥିବା ନୂଆଖାଇରେ ସ୍ୱତନ୍ତ୍ରତା ରହିଛି । ନୂଆଖାଇ ସମଗ୍ର ପଶ୍ଚିମାଂଚଳ ପାଇଁ ମହାପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ନବାନ୍ନର ମୁହୂର୍ତ୍ତ ନିର୍ଣ୍ଣୟ କରିବାର ପଦ୍ଧତି ମଧ୍ୟ ପ୍ରାଚୀନ ଓ ପରମ୍ପରାରେ ପରିପୂର୍ଣ୍ଣ । ନବାନ୍ନର ଯଥେଷ୍ଟ ପୂର୍ବରୁ ନୂତନ ଧାନ ସଂଗ୍ରହ କରାଯାଇ ଏହାପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ । ପରିବାରର ବହୂମାନେ ସ୍ନାନକର୍ମ ଶେଷକରି ପୂଜାସ୍ଥାନ ଓ ଘରର ପ୍ରତିଟି କ୍ଷେତ୍ରକୁ ପରିଷ୍କାର କରିଥାନ୍ତି । ପରିବାରର ଆର୍ଥିକସ୍ଥିତିକୁ ଦେଖି ମହିଳାମାନେ ପିଠାପଣା, କ୍ଷୀରି ଖେଚୁଡ଼ି ସହ ପୂଜା ସାମଗ୍ରୀ ତିଆରି କରିଥାନ୍ତି । ନବାନ୍ନ ପ୍ରସ୍ତୁତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ନବାନ୍ନ ପୂଜା ସମୟରେ ସର୍ବପ୍ରଥମେ ଘରର ଇଷ୍ଟଦେବ ବା ଦେବୀଙ୍କ ସହ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । ପୂଜାଘରେ ସମସ୍ତେ ପ୍ରସାଦ ସେବନ କରି ନିଜ ଭିତରେ ପ୍ରେମର ଫଳଗୁକୁ ସମସ୍ତଙ୍କ ପାଖରେ ବିତରଣ ପାଇଁ ସଂକଳ୍ପବଦ୍ଧ ହୁଅନ୍ତି । ଭାଇ ଭାଇ ମଧ୍ୟରେ ମନ ମାଳିନ୍ୟ ଥିଲେ ମଧ୍ୟ ସାନଭାଇ ବଡ଼ ଭାଇଙ୍କ ଘରକୁ ପ୍ରସାଦ ପାଇ ଆଶୀର୍ବାଦ କାମନା କରିଥାନ୍ତି । ସେହିପରି ପ୍ରସାଦ ସେବନ ପରେ ଘରେ ଇଷ୍ଟଦେବୀଙ୍କୁ ଦର୍ଶନ କରି କନିଷ୍ଠମାନେ ପରିବାରର ବରିଷ୍ଠ ଓ ବୟୋଜ୍ୟେଷ୍ଠ ମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି । ଅଥର୍ବ ବେଦର ତଥ୍ୟ ଅନୁଯାୟୀ ଭାଇ ଭାଇ ଭିତରେ ଦ୍ୱେଷ ନରହୁ, ଭଉଣୀ ଭଉଣୀକୁ ଘୃଣା ନକରି ସ୍ନେହ କରୁ । ସମସ୍ତଙ୍କ ଭିତରେ ସଦ୍‌ଜ୍ଞାନ ଜାତ ହେଉ, ସମସ୍ତେ ନିର୍ମଳ ଚିତ ହୋଇ ଜଳ ଓ ଅନ୍ନର ସାମଗ୍ରୀ ସମାନ ହେଉ । ନବାନ୍ନର ଏହି ମହାନ୍ ସାଂସ୍କୃତିକ ବାଣୀ ଅଥର୍ବବେଦର ଭାଷାରେ ମା ଭ୍ରାତା ଭ୍ରାତରଂ ଦ୍ୱିକ୍ଷନ୍, ମୋ ସ୍ୱସାରମୁତ ସ୍ୱସା ।' ପାରିବାରିକ କ୍ଷେତ୍ରରେ ସୌହାର୍ଦ୍ଦ୍ୟ ସଂହତି ସ୍ଥାପନ ଓ ସାମାଜିକ କ୍ଷେତ୍ରରେ ମାତୃସମାଜର ମହନୀୟତା ପରିସ୍ଫୁଟିତ ହୋଇଥାଏ । ନବାନ୍ନ ପ୍ରସ୍ତୁତି ଠାରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁଠି ମହିଳାଙ୍କ ଭୂମିକା ରହିଛି । ନବାନ୍ନ ପରମ୍ପରାରେ ନାରୀ ସମାଜର ସେବା, ଭଲ ପାଇବା ଓ ଆଦର୍ଶର ପରାକାଷ୍ଠା ସମସ୍ତଙ୍କ ପାଇଁ ଆଦର୍ଶଣୀୟ ହୋଇ ପାରିଥାଏ । ଅନ୍ନ ପ୍ରସ୍ତୁତି ଠାରୁ ସଂସାର ପରିଚାଳନାରେ ନାରୀର ଭୂମିକା ନିହିତ । ପରିବାରର ସମସ୍ତ ଦାୟିତ୍ୱକୁ ନିର୍ବାହ କରୁଥିବା ମହିଳାମାନେ ନବାନ୍ନରେ ନିଜର ଦାୟିତ୍ୱବୋଦ୍ଧତାକୁ ସୁଚାରୁରୂପେ ସମ୍ପାଦିତ କରିଥାନ୍ତି । ଘରର ବୟୋଜ୍ୟେଷ୍ଠଙ୍କ ଠାରୁ କନିଷ୍ଠ ପିଲାଙ୍କ ପାଇଁ ଘରର ମହିଳା ମାନଙ୍କ ଭୂମିକା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ ।

# ସତଶଠି ବର୍ଷରେ ଦୂରଦର୍ଶନ

◆ ବିଷ୍ଣୁ ରଞ୍ଜନ ପାଣିଗ୍ରାହୀ




ଦିନ ଥିଲା ଦୂରଦର୍ଶନ ଦେଶରେ ଥିଲା ସବୁଠାରୁ ଲୋକପ୍ରିୟ ଚ୍ୟାନେଲ । ଦୂରଦର୍ଶନକୁ ଦେଖିବା ପାଇଁ ଜମୁଥିଲା ଲୋକଙ୍କ ଭିଡ଼ । ରାମାୟଣକୁ ଦେଖିବା ପାଇଁ ଲୋକମାନେ ଅପରିଚିତଙ୍କ ଘରେ ବି ପହଂଚୁଥିଲେ । ଏପରିକି ଥରେ ଟ୍ରେନ ବନ୍ଦ କରିବାକୁ ଭୁଲି ଯାଇ ଚାଳକ ଷ୍ଟେସନରେ ରାମାୟଣ ଦେଖିବା ପାଇଁ ତରତରରେ ଓହ୍ଲାଇ ଯିବାରୁ ବିନା ଚାଳକରେ ଟ୍ରେନ ଗଡ଼ିଯାଇଥିଲା ବହୁ ବାଟ । ଦୂରଦର୍ଶନ ହେଉଛି ଭାରତର ଏକମାତ୍ର ଟେରେଷ୍ଟ୍ରିଆଲ୍ ଚ୍ୟାନେଲ । ୧୯୫୯ ମସିହା ସେପ୍ଟେମ୍ବର ୧୫ ତାରିଖରେ ଭାରତର ପ୍ରଥମ ଟେଲିଭିଜନ କାର୍ଯ୍ୟକ୍ରମର ପ୍ରସାରଣ ଦିଲ୍ଲୀର ଆକାଶବାଣୀ ଷ୍ଟୁଡିଓରୁ ହୋଇଥିଲା । ଏହି କାର୍ଯ୍ୟକ୍ରମର ପ୍ରସାରଣ ଉଦ୍ଘାଟନ ବିସମିଲ୍ଲାହ ଖାନ୍ଙ୍କ 'ସାହାନାଇ ବାଦନ'ରୁ ହୋଇଥିଲା । ୧୯୫୯ ମସିହାରେ ଦୂରଦର୍ଶନ ଚ୍ୟାନେଲ ଆରମ୍ଭ ହୋଇଥିଲେ ମଧ୍ୟ, ୧୯୬୫ ମସିହାରେ ଏଥିରେ କାର୍ଯ୍ୟକ୍ରମଗୁଡ଼ିକ ପ୍ରତିଦିନ ପ୍ରସାରିତ ହେବା ଆରମ୍ଭ ହେଲା । ୧୯୭୨ ମସିହାରେ ବମ୍ବେ ଓ ଅମୃତସରରେ ଟେଲିଭିଜନ କେନ୍ଦ୍ର ଆରମ୍ଭ ହୋଇଥିଲା । ତେବେ ୧୯୭୫ ମସିହା ପର୍ଯ୍ୟନ୍ତ ଭାରତର ମାତ୍ର ୭ଟି ସହରରେ ଟେଲିଭିଜନ ସେବା ଉପଲବ୍ଧ ହେଉଥିଲା । ଏବଂ ସେତେବେଳେ ଟେଲିଭିଜନରେ ମନୋରଞ୍ଜନର ଗୋଟିଏ ମାତ୍ର ମାଧ୍ୟମ ଥିଲା ଦୂରଦର୍ଶନ । ୧୯୭୬ ମସିହା ପର୍ଯ୍ୟନ୍ତ ଟେଲିଭିଜନ ସେବା, ରେଡ଼ିଓ ଏକାଠି କାର୍ଯ୍ୟ କରିବା ପରେ, ଆକାଶବାଣୀ ଠାରୁ ଦୂରଦର୍ଶନ ଶେଷରେ ୧୯୮୨ ମସିହାରେ ଅଲଗା ହୋଇଥିଲା । ଏବଂ ସେହି ବର୍ଷ ଜାତୀୟ ପ୍ରସାରଣକାରୀ ଠାରୁ ସ୍ୱୀକାର ମାନ୍ୟତା ପାଇଲା ଦୂରଦର୍ଶନ । ୧୯୮୨ ମସିହା ପର୍ଯ୍ୟନ୍ତ ଟିଭି ପରଦାରେ ବ୍ଲାକ ଆଣ୍ଡ ହ୍ୱାଇଟରେ ପରିବେଷିତ ହେଉଥିବା ଦୂରଦର୍ଶନ ୧୯୮୨ ମସିହାରେ ରଙ୍ଗୀନ ପ୍ରସାରଣ ଆରମ୍ଭ କରିଥିଲା । ସେହି ବର୍ଷ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସ୍ୱାଧୀନତା ଦିବସର ଭାଷଣ ଓ ଦିଲ୍ଲୀରେ ଆୟୋଜିତ ହୋଇଥିବା ଏସିଆନ ଗେମ୍ସର ସିଧା ପ୍ରସାରଣ ହୋଇଥିଲା । ଦୂରଦର୍ଶନର ପ୍ରଥମ କାର୍ଯ୍ୟକ୍ରମ ଥିଲା କୃଷି ଦର୍ଶନ, ଯାହା ୧୯୬୭ ମସିହା ଜାନୁଆରୀ ୨୬ ତାରିଖରେ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମର ଲୋକପ୍ରିୟତା ଏତେ ଅଧିକ ଥିଲା ଯେ ଆଜି ପର୍ଯ୍ୟନ୍ତ ଟେଲିଭିଜନରେ ଏହା ପ୍ରସାରିତ ହେଉଛି । ଏହା ବାଦ୍ ଦୂରଦର୍ଶନରେ ଅନେକ ସିରିଆଲ, ଆଧାତ୍ମିକ କାର୍ଯ୍ୟକ୍ରମ, କାର୍ଟୁନ ଆଦି ପ୍ରସାରିତ ହୋଇଛି । ଟିଭି ପରଦାରେ ଦୂରଦର୍ଶନର ପ୍ରଥମ ସିରିଆଲ ପ୍ରସାରିତ ହୋଇଥିଲା ହମ୍ ଲୋଗ । ସପ୍ତାହରେ ଥରେ ପ୍ରସାରିତ ହେଉଥିବା ଏହି ସିରିଏଲର ଲୋକପ୍ରିୟତା ଏତେ ବଢ଼ିଯାଇଥିଲା ଯେ ଗୋଟିଏ ଦିନ ପରିବର୍ତ୍ତେ ପ୍ରତିଦିନ ଏହା ପ୍ରସାରିତ ହେଲା । ଏଥିସହ ବୁନିୟାଦ, ନୁକ୍କଡ, ରାମାୟଣ ଓ ମହାଭାରତ ଲୋକମାନଙ୍କ ହୃଦୟକୁ ବେଶ୍ ଛୁଇଁଥିଲା । ଭାରତରେ ବର୍ତ୍ତମାନ ଦୂରଦର୍ଶନର ୨୧ଟି ଚ୍ୟାନେଲ ପ୍ରସାରିତ ହେଉଛି । ସେଥିମଧ୍ୟରୁ ଡିଡି ନ୍ୟାସନାଲ ଓ ଡିଡି ନ୍ୟୁଜ୍ ହେଉଛି ଦୁଇଟି ପ୍ରମୁଖ ଚ୍ୟାନେଲ । ଏଥିସହ ୧୧ଟି ଆଂଚଳିକ ଭାଷାଭିତିକ ଚ୍ୟାନେଲ, ଗୋଟିଏ ଖେଳ, ଗୋଟିଏ ଆନ୍ତର୍ଜାତୀୟ ଚ୍ୟାନେଲ ଓ ୪ଟି ରାଜ୍ୟ ଭିତିକ ଚ୍ୟାନେଲ ରହିଛି । ଏଥିସହ ବର୍ତ୍ତମାନ ଦୂରଦର୍ଶନ ତରଫରୁ ଲୋକମାନଙ୍କ ପାଇଁ ମାଗଣାରେ ଡିଟିଏଚ୍ ସେବା ଯୋଗାଇ ଦିଆଯାଇଛି । ସେହିପରି ରାଜ୍ୟସଭା ଓ ଲୋକସଭାରେ ଗୃହ କାର୍ଯ୍ୟ ଚାଲିଥିବାବେଳେ ତାହା ରାଜ୍ୟସଭା ଟିଭି ଓ ଲୋକସଭା ଟିଭିରେ ସିଧା ପ୍ରସାରିତ ହୁଏ । ଦୂରଦର୍ଶନରେ ପ୍ରସାରିତ ହେଉଥିବା ଦୁଇଟି ଚ୍ୟାନେଲ ମଧ୍ୟରୁ ଡିଡି ମେଟ୍ରୋ ଚ୍ୟାନେଲ ୨୦୦୩ ମସିହାରେ ପରିବର୍ତ୍ତିତ ହୋଇ ତା ସ୍ଥାନରେ ୨୪ ଘଂଟା ନ୍ୟୁଜ୍ ପରିବେଷଣ କରୁଥିବା ଡିଡି ନ୍ୟୁଜ୍ ଚ୍ୟାନେଲ ପ୍ରସାରିତ ହେଲା । ସେହିପରି ଦୂରଦର୍ଶନର ଡିଡି ସ୍ପୋର୍ଟସ୍ ଚ୍ୟାନେଲ ହେଉଛି ଏକମାତ୍ର ଚ୍ୟାନେଲ ଯେଉଁଥିରେ କ୍ରିକେଟ, ଫୁଟବଲ, ହକି ପରି ଜାତୀୟ କ୍ରୀଡ଼ା ସମେତ ଖୋ, କବାଡ଼ି ପରି ଗ୍ରାମୀଣ ଖେଳ ମଧ୍ୟ ପ୍ରସାରିତ ହୁଏ । ଏହି ଖେଳଗୁଡ଼ିକୁ ବର୍ତ୍ତମାନ ପ୍ରସାରିତ ହେଉଥିବା ଘରୋଇ ଚ୍ୟାନେଲ ଗୁଡ଼ିକ କେବେ ପରିବେଷଣ କରିବା ପାଇଁ ଚେଷ୍ଟା କରନ୍ତି ନାହିଁ । କାରଣ ଏହି କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରସାରିତ କରିବା ଦ୍ୱାରା ଚ୍ୟାନେଲ ଗୁଡ଼ିକର ଫାଇଦା ହେବ ନାହିଁ । ସେହିପରି କାଶ୍ମୀରବାସୀଙ୍କ ପାଇଁ ଦୂରଦର୍ଶନ ତରଫରୁ ସ୍ୱତନ୍ତ୍ର ଡିଡି କାଶ୍ମୀର ନାମକ ଚ୍ୟାନେଲ ପ୍ରସାରିତ ହେଉଛି । ଯେଉଁଥିରେ କାଶ୍ମୀରର ସମସ୍ୟା, ଖବର ଆଦି ପରିବେଷଣ କରାଯାଉଛି । ବର୍ତ୍ତମାନ କେବଳ ଦେଶରେ ନୁହେଁ ବିଶ୍ୱରେ ମଧ୍ୟ ଦୂରଦର୍ଶନ ନିଜର ଆଧିପତ୍ୟ ବିସ୍ତାର କରିଛି । ବିଶ୍ୱର ପ୍ରାୟ ୧୪୬ଟି ଦେଶରେ ସାଟେଲାଇଟ ମାଧ୍ୟମରେ ଦୂରଦର୍ଶନ ତରଫରୁ ଡିଡି ଇଣ୍ଡିଆ ନାମକ ଚ୍ୟାନେଲ ପହଂଚି ଯାଉଛି । ଦୂରଦର୍ଶନରେ ସୂଚନା ପ୍ରଯୁକ୍ତିର ବୈପ୍ଲବିକ କ୍ରାନ୍ତି ଦେଖାଦେଇଛି । ବର୍ତ୍ତମାନର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଓ ସଫଳ ଜନହିତକାରୀ କାର୍ଯ୍ୟକ୍ରମକୁ ସୁବିଧାରେ ଦୂରଦର୍ଶନ ମାଧ୍ୟମରେ ସମସ୍ତଙ୍କ ପାଖରେ ପହଂଚାଇ ପାରୁଛନ୍ତି । ସାଟେଲାଇଟ୍ ଯୋଗାଯୋଗ ମାଧ୍ୟମରେ ବିଶ୍ୱର ଯେ କୌଣସି ସ୍ଥାନ ହେଉନା କାହିଁକି ସବୁଠି ଦୂରଦର୍ଶନ ପହଂଚିବାକୁ ସକ୍ଷମ । ଦୂରଦର୍ଶନର ପ୍ରତିଷ୍ଠା ଦିବସରେ ଏହାର ସଫଳତା ପାଇଁ ଅଭିନନ୍ଦନ ଜଣାଉଛୁ ।

*ମହାପ୍ରବନ୍ଧକ (ବିଏସଏନଏଲ), ଭୁବନେଶ୍ୱର:୯୪୩୭୦୫୧୦୮୮*

## ଆଜି ଟେଲିଭିଜନ୍ ପ୍ରତିଷ୍ଠା ଦିବସ

ଆଜି ଭାରତୀୟ ଟେଲିଭିଜନ୍‌ର ପ୍ରତିଷ୍ଠା ଦିବସ । ଭାରତ ସରକାରୀ ଟେଲିଭିଜନ ସେବା ଏକ ଛୋଟିଆ ଷ୍ଟୁଡିଓ ମଧ୍ୟରେ ୧୯୫୯ ମସିହା ସେପ୍ଟେମ୍ବର ୧୫ ତାରିଖରେ ଆରମ୍ଭ ହୋଇଥିଲା । ପ୍ରସାରଣ କେବଳ ନୂଆ ଦିଲ୍ଲୀ ମଧ୍ୟରେ ସୀମିତ ଥିଲା । ୧୯୬୫ରେ ଏହାକୁ ଅଲ୍ ଇଣ୍ଡିଆ ରେଡ଼ିଓ ସହ ସଂଯୁକ୍ତ କଲା ପରେ ପ୍ରସାରଣ ନିୟମିତ ହୋଇ ଥିଲା । ୧୯୭୨ରେ ମୁମ୍ବାଇ ଏବଂ ଅମୃତସରବାସୀ ଟେଲିଭିଜନ ସେବା ପାଇଥିଲେ । ୧୯୭୫ ସୁଦ୍ଧା ଏହା ଭାରତର ମାତ୍ର ସାତଟି ସହରକୁ ଛୁଇଁ ପାରିଥିଲା । ୧୯୭୬ରେ ଟେଲିଭିଜନ୍, ରେଡ଼ିଓ ଠାରୁ ଅଲଗା ହୋଇଥିଲା । ଶେଷରେ ୧୯୮୨ରେ ଦୂରଦର୍ଶନ ରୂପ ନେଇଥିଲା । ସେହି ବର୍ଷ ଭାରତୀୟ ବଜାରକୁ ରଙ୍ଗୀନ ଟେଲିଭିଜନ ପ୍ରବେଶ କରିଥିଲା ଏବଂ ଜାତୀୟ ସ୍ତରରେ ପ୍ରସାରଣ ଆରମ୍ଭ ହୋଇ ଥିଲା । ଏବେ ପ୍ରାୟ ୯୦ ପ୍ରତିଶତ ଭାରତୀୟ ୧୪୦୦ଟି ଟ୍ରାନ୍ସମିଟର ଜରିଆରେ ସରକାରୀ ଟେଲିଭିଜନର ବିଭିନ୍ନ କାର୍ଯ୍ୟକ୍ରମ ଉପଭୋଗ କରି ପାରୁଛନ୍ତି ପୁଣି ସାରା ଦେଶରେ ୪୬ଟି ଦୂରଦର୍ଶନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।

# ଆନ୍ତର୍ଜାତିକ ଗଣତନ୍ତ୍ର ଦିବସ

◆ଅଲେଖ ଚନ୍ଦ୍ର ସାମଲ, ଓଏଫଏସ୍-୧ (ଏସ୍.ବି.)




ସେପ୍ଟେମ୍ବର ୧୫ ତାରିଖକୁ ପାଳନ କରାଯାଉଛି ଆନ୍ତର୍ଜାତିକ ଗଣତନ୍ତ୍ର ଦିବସ ଭାବେ । ଜାତିସଂଘ ସାଧାରଣ ପରିଷଦର ଅନୁମୋଦନ କ୍ରମେ ଗତ ବର୍ଷ ଠାରୁ ଏହା ପାଳନ କରାଯାଉଛି । ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରତିବାଦ ଜରିଆରେ ଫିଲିପିନ୍‌ସରେ କୋରାଜନ୍ ସି ଆକ୍ୱିନୋ ପ୍ରତିଷ୍ଠା କରିଥିଲେ ଏକ ଗଣତାନ୍ତ୍ରିକ ସରକାର ଏବଂ ଫର୍ଡ଼ିନାଣ୍ଡ୍ ମାର୍କୋସ୍‌ଙ୍କ ୨୦ ବର୍ଷର ସ୍ୱୈର ଶାସନର ଅନ୍ତ ଘଟିଥିଲା ଏହା ସହିତ । ଆକ୍ୱିନୋ ତାହାକୁ ନାମିତ କରିଥିଲେ 'ଲୋକ ଶକ୍ତି ବିପ୍ଳବ' ଭାବେ । ଫିଲିପିନ୍‌ସରେ ଶାନ୍ତି ପ୍ରତିଷ୍ଠା ହେବା ପରେ ଗଣତନ୍ତ୍ରକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରାଇବା ସହ ଏ ବାବଦରେ ସମଗ୍ର ବିଶ୍ୱରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ସେ ବ୍ୟକ୍ତିଗତ ଭାବେ ଉଦ୍ୟମ ଆରମ୍ଭ କରିଥିଲେ । ପରବର୍ତ୍ତୀ କାଳରେ ବିଶ୍ୱ ସମୁଦାୟ ତାଙ୍କ ପ୍ରସ୍ତାବରେ ଏକମତ ହୋଇ ଥିଲେ ଏବଂ ୨୦୦୭ ନଭେମ୍ବର ୮ ତାରିଖରେ ଜାତିସଂଘର ସାଧାରଣ ପରିଷଦରେ ସଭ୍ୟ ରାଷ୍ଟ୍ର ବୃନ୍ଦ ସେପ୍ଟେମ୍ବର ୧୫ ତାରିଖକୁ ଆନ୍ତର୍ଜାତିକ ଗଣତନ୍ତ୍ର ଦିବସ ଭାବେ ପାଳନ କରିବାକୁ ସମ୍ମତ ହୋଇଥିଲେ । ଏହି ଦିବସର ବାର୍ତ୍ତା ହେଉଛି ଗଣତନ୍ତ୍ର କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ର କି ଅଂଚଳର ସଂପତି ନୁହେଁ । ଏହା ସମଗ୍ର ବିଶ୍ୱର । ଲୋକଙ୍କର ମୁକ୍ତ ଇଛା ଉପରେ ଏହା ପର୍ଯ୍ୟବସତି । ଏଣୁ ସବୁଠାରୁ ଅଧିକ ଗ୍ରହଣୀୟ ଶାସନ ବ୍ୟବସ୍ଥା । ସମଗ୍ର ବିଶ୍ୱରେ ଭାରତର ଗଣତନ୍ତ୍ର ସର୍ବଜନାଦୃତ ଏବଂ ଲୋକପ୍ରିୟ । ପୃଥିବୀର ଅନ୍ୟତମ ଜନସଂଖ୍ୟା ବହୁଳ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତିରେ ବିଶ୍ୱାସ ରଖୁଥିବା ଭାରତ ଆଜି ସମଗ୍ର ବିଶ୍ୱ ସମୁଦାୟ ପାଇଁ ନିଜର ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଆଦର୍ଷଣୀୟ ଓ ପ୍ରଶଂସନୀୟ । ଭାରତୀୟ ଗଣତନ୍ତ୍ର ଲୋକପ୍ରତିନିଧି ମୂଳକ ଶାସନରେ ବିଶ୍ୱାସ ରଖିଥାଏ । ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଲୋକ ପ୍ରତିନିଧି ମୂଳକ ଶାସନ ନିୟମିତ ସମୟରେ ଅନୁଷ୍ଠିତ ହୋଇଥାଏ । ଶକ୍ତିଶାଳୀ ଇଂରେଜ ମାନଙ୍କୁ ଭାରତରୁ ବିତାଡ଼ିତ କଲାପରେ ଭାରତ ନିଜସ୍ୱ ସାମର୍ଥ୍ୟରେ ଆଜି ଦେଶକୁ ବେଶ ପ୍ରଗତି ପଥରେ ଅଗ୍ରସର କରିବାକୁ ସକ୍ଷମ ହୋଇଛି । ଜାତିସଂଘ ନିରାପତା ପରିଷଦର ସ୍ଥାୟୀ ସଭ୍ୟଭାବେ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରମାନେ ଏପରିକି ଜାତିସଂଘର ଏହି ସର୍ବୋଚ୍ଚ ପରିଷଦରେ ଭାରତର ସଭ୍ୟ ପଦ ପାଇଁ ନିଜର ସମର୍ଥନ ଦେଉଛନ୍ତି । ନିଜ ପଡ଼େଶୀ ରାଷ୍ଟ୍ରମାନଙ୍କ ସହ ସୁସମ୍ପର୍କ ରଖି ପ୍ରାକୃତିକ ବିପର୍ଯ୍ୟୟ ବେଳେ ସେମାନଙ୍କର ଜଣେ ବିଶ୍ୱସ୍ତ ଓ ନିଷ୍ଠାପର ସାଥୀଭାବେ ସବୁ ପ୍ରକାର ସାହାଯ୍ୟ ଓ ସହଯୋଗର ହାତ ମଧ୍ୟ ଭାରତ ବଢ଼ାଉଛି । ଆଜି ସମଗ୍ର ବିଶ୍ୱରେ ବିଭିନ୍ନ ରାଷ୍ଟ୍ରରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଜନସଚେତନତା ଲୋକପ୍ରିୟ ଭାବେ ବୃଦ୍ଧି ପାଉଛି । ପିଢ଼ୀ ପିଢ଼ୀ ଧରି ରାଜତନ୍ତ୍ର ହେଉ ବା ବଂଶାନୁକ୍ରମିକ ଶାସନକୁ ବିରୋଧ କରି ସେହି ଦେଶର ଜନସାଧାରଣ ସରକାରଙ୍କୁ ବାଧ୍ୟ କରୁଛନ୍ତି ଗଣତନ୍ତ୍ର ପ୍ରତିଷ୍ଠା ପାଇଁ । ଯଥାର୍ଥରେ ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ଆବ୍ରାହମ୍ ଲିଙ୍କନ୍ କହିଥିଲେ 'ଗଣତନ୍ତ୍ର ବୁଝାଏ ଲୋକ ମାନଙ୍କ ପାଇ, ଲୋକମାନଙ୍କର ଏବଂ ଲୋକମାନଙ୍କ ଦ୍ୱାରା' । ବାସ୍ତବରେ ଗଣତନ୍ତ୍ର ହେଉଛି ଲୋକମାନଙ୍କର । ସେମାନଙ୍କ ଭିତରୁ ନିର୍ବାଚିତ ପ୍ରତିନିଧିଙ୍କ ଶାସନ । ଗଣତନ୍ତ୍ର ଏକ ସରକାରୀ ଦଳ ସହ ବିରୋଧି ଦଳର ସମର୍ଥନ, ସମାଲୋଚନାକୁ ବିଶ୍ୱାସ କରି ରାଷ୍ଟ୍ରର ପ୍ରଗତିରେ ନିଜକୁ ଭାଗୀଦାର କରିଥାଏ । ଆଜି ବିଶ୍ୱର ବିଭିନ୍ନ ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଲୋକମାନଙ୍କ ଭିତରେ ସ୍ୱତଃସ୍ଫୁର୍ତ ଆଗ୍ରହ ବଢ଼ିବା ସହ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଦ୍ୱାରା ପୂର୍ବର ଶାସନ ବ୍ୟବସ୍ଥାକୁ ବଦଳାଇ ଲୋକପ୍ରତିନିଧି ମୂଳକ ଶାସନ ପାଇଁ ଉତ୍କଣ୍ଠା ଓ ଆଗ୍ରହ ବୃଦ୍ଧି ପାଉଛି । ଗଣତନ୍ତ୍ର ବିଶ୍ୱାସ କରିଥାଏ ସମାନତା ଓ ସମ୍ବିଧାନ ପ୍ରଣୀତ ନିର୍ଦ୍ଦିଷ୍ଟ ନୀତିନିୟମକୁ ଯାହାକି କୌଣସି ଜାତି ଭେଦ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ଆଇନ, ସମାନ ଅଧିକାର ଓ ସମାନ ସୁଯୋଗର ବିଶ୍ୱାସ ସୃଷ୍ଟି କରିଥାଏ । ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦେଖିଲେ ଜଣାଯାଏ ଏହାର ସମ୍ବିଧାନ ପ୍ରଣୀତାମାନେ ଭାରତୀୟଙ୍କ ଭାବନା, ଓ ସବୁପ୍ରକାର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଯେଉଁ ଶାସନର ଖସଡ଼ା ପ୍ରସ୍ତୁତ କରିଯାଇଛନ୍ତି ତାହା ପରବର୍ତ୍ତୀ ସମୟରେ ଯେଉଁଦଳ ଶାସନ ଗାଦିସୀନ ହୁଅନ୍ତୁନା କାହିଁକି ଗଣତନ୍ତ୍ରକୁ ସମ୍ମାନ ଦେଇ ଏବଂ ଗଣତନ୍ତ୍ର ବ୍ୟବସ୍ଥା ଉପରେ ବିଶ୍ୱାସ ରଖି ଜନହିତକର ଶାସନ ବ୍ୟବସ୍ଥା ପ୍ରଚଳନ କରି ଆସୁଛନ୍ତି ଏହା ହିଁ ହେଉଛି ସମଗ୍ର ବିଶ୍ୱ ସମୁଦାୟ ପାଇଁ ଭାରତୀୟ ଗଣତାନ୍ତ୍ରିକ ମୂଲ୍ୟବୋଧ ଅନ୍ୟତମ ଶ୍ରେଷ୍ଠତ୍ୱ । ଭାରତୀୟ ଗଣତନ୍ତ୍ର ବିଭେଦତା ଭିତରେ ଏକତା ନୀତିରେ ବିଶ୍ୱାସ କରେ । ଆଜି ଅଖଣ୍ଡ ଭାରତ ବର୍ଷରେ କୋଟି କୋଟି ନାଗରିକ ନିଜ ଦେଶର ମୂଲ୍ୟବୋଧ ସମ୍ପନ୍ନ ଉଚ୍ଚ ମାନବିକତାର ନୀତି ଓ ଆଦର୍ଶ ଭିତିକ ଗଣତନ୍ତ୍ର ପାଇଁ ବେଶ୍ ଗର୍ବ ଅନୁଭବ କରନ୍ତି । ଏହି ଦେଶରେ ଭାତୃତ୍ୱର ବନ୍ଧନୀ ସୁଦୃଢ଼ ହୋଇଛି ସ୍ୱାର୍ଥବିହୀନ ସମ୍ପର୍କକୁ ନେଇ । ଜାତି, ବର୍ଣ୍ଣ, ଲିଙ୍ଗ, ପଦପଦବୀ ଭାରତୀୟଙ୍କ ଭାଇଚାରାକୁ ମଜବୁତ୍ କରିବା ପାଇଁ ପ୍ରାସଙ୍ଗିକ ନହୋଇ ବରଂ ସମସ୍ତଙ୍କୁ ସାହାଯ୍ୟ କରିବାର ନୀତି ନେଇ ଏହି ଦେଶ ଆଜି ପ୍ରଗତିର ଧାରାରେ ନିଜକୁ ସାମିଲ କରିଛି । ନିଜ ଗୋଡ଼ରେ ଛିଡ଼ା ହେବାପରି ଭାରତ ଆଜି ନିଜସ୍ୱ ଶକ୍ତି ଓ ସାମର୍ଥ୍ୟକୁ ନେଇ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖି ପ୍ରଗତିର ଧାରାରେ ନିଜକୁ ସାମିଲ କରିଛି । ଆଜି ବିଶ୍ୱ ଗଣତନ୍ତ୍ର ଦିବସ ଅବସରରେ ପ୍ରତିଟି ଭାରତୀୟ ଗର୍ବର ସହ ମୁକ୍ତକଣ୍ଠରେ କୁହନ୍ତୁ 'ମେରା ଭାରତ ମହାନ୍' ।

*ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ଧନୁପାଲି, ସମ୍ବଲପୁର: ୯୪୩୭୨୫୭୧୨୩*

# କୃଷିଭିତିକ ଗଣପର୍ବ ନୂଆଁଖାଇ

◆ ନାଟ୍ୟସାରଥି ଅଭୟ କୁମାର ଦାସ

ନୂଆଁଖାଇ ଏକ କୃଷିଭିତିକ ପର୍ବ । ପଶ୍ଚିମ ଓଡ଼ିଶାରେ ଏହା ଧୁମ୍‌ଧାମରେ ପାଳିତ ହେଉଥିଲେ ମଧ୍ୟ ଦେଶ ବିଦେଶରେ ପାଳିତ ହେଉଥିବାର ନଜିର୍ ରହିଛି । ଏହି ଗଣପର୍ବଟି ନୂଆଖାଇ ବା ନୂଆଁଖାଇ ଭାବେ ପରିଚିତ । ଗୀତା ମତରେ ଦେବତାଙ୍କୁ ନୂଆଶସ୍ୟ ସମର୍ପଣ କଲେ, ଜୀବନ ଅମୃତମୟ ହୁଏ । ତେଣୁ ବର୍ଷର ପ୍ରଥମ ଶସ୍ୟକୁ ଦେବତାଙ୍କୁ ଅର୍ପଣ କରାଯାଏ । କୃଷକ ତାର ଜମିରେ ଉତ୍ପନ୍ନ ନୂଆ ଧାନଶସ୍ୟକୁ ଚାଉଳରେ ପରିଣତ କରି ଏହି ପର୍ବରେ ଦେବତାଙ୍କୁ ସମର୍ପଣ କରିବା ପରେ ନୂଆ ଖାଇବା ଆରମ୍ଭ କରିଥାଏ । ଜମିରୁ ଉତ୍ପନ୍ନ ନୂଆଶସ୍ୟରୁ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ କରାଯାଇ ପ୍ରଥମେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ବା ଗ୍ରାମ ଦେବତାଙ୍କ ନିକଟରେ ଭୋଗଲାଗି ହୁଏ । ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୋନପୁର, ନୂଆପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ବୌଦ ପ୍ରଭୃତି ଅଂଚଳରେ ଏହି ପର୍ବ ଘରେ ଘରେ ମହାଆଡ଼ମ୍ବରରେ ପାଳିତ ହୁଏ ।

**ନୂଆଁଖାଇ ଓ ପଶ୍ଚିମ ଓଡ଼ିଶାର ଦେବୀ :** ନୂଆଁଖାଇ ପର୍ବଟି ପଶ୍ଚିମ ଓଡ଼ିଶାର ବିଭିନ୍ନ ମନ୍ଦିରମାନଙ୍କରେ ପୂଜା ପାଉଥିବା ଦେବା ଦେବୀ ମନ୍ଦିର ମାନଙ୍କରେ ଗୋଟିଏ ତିଥି ଓ ଗୋଟିଏ ସମୟରେ ପୂଜକମାନଙ୍କ ଦ୍ୱାରା ସ୍ଥିର କରାଯାଇଥାଏ । ସମ୍ବଲପୁରରେ ଥିବା




ଜଗନ୍ନାଥ ମନ୍ଦିରରେ ଏହି ପର୍ବର ତିଥି ସ୍ଥିର ହୋଇଥାଏ । ବଲାଙ୍ଗୀରର ପାଟଣାଗଡ଼ ସ୍ଥିତ ପାଟଣେଶ୍ୱରୀ ମନ୍ଦିରରେ ଏହାର ଦିନ ଧାର୍ଯ୍ୟ କରାଯାଏ । ସୋନପୁରର ସୁରେଶ୍ୱରୀ ଓ କଳାହାଣ୍ଡିର ମାଣିକେଶ୍ୱରୀ ମନ୍ଦିରରେ ବିଧି ମୁତାବକ ପୂଜା ରୀତିନୀତି ଆରମ୍ଭ କରାଯାଏ । ସୁନ୍ଦରଗଡ଼ର ଶିଖରବାସିନୀ ମନ୍ଦିର ଓ ସମ୍ବଲପୁରର ସମଲେଶ୍ୱରୀ ମନ୍ଦିରରେ ଏହି ପର୍ବଟିକୁ ଭକ୍ତି ସହକାରେ ଭକ୍ତମାନେ ଯାକଯମକରେ ପାଳନ କରିଥାନ୍ତି । ଏହିପରି ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନ ଓ ମନ୍ଦିରମାନଙ୍କ ନିକଟରେ ନୂଆଁଖାଇ ଖୁବ୍ ଉତ୍ସାହର ସହିତ ପାଳିତ ହୋଇଥାଏ ।

**ଲୋକକଥାରେ ନୂଆଁଖାଇ :** ଖ୍ରୀଷ୍ଟପୂର୍ବ ଦ୍ୱାଦଶ ଶତାବ୍ଦୀରେ ଚୌହାନ ବଂଶର ରମାଇ ଦେଓ ନାମରେ ଜଣେ ରାଜା ଥିଲେ । ସେ ପାଟନାର ରାଜାଥିଲେ । ପଶ୍ଚିମ ଓଡ଼ିଶାର କେତେକାଂଶ ବିଶେଷତଃ ବଲାଙ୍ଗୀର ଜିଲ୍ଲା ପାଟନା ରାଜାଙ୍କ ଅଧୀନରେ ଥିଲା । ସେତେବେଳେ ଏଠିକାର ଅଧିବାସୀମାନେ ଫଳମୂଳ ଓ ପଶୁପକ୍ଷୀ ଶିକାର କରି ଜୀବିକା ନିର୍ବାହ କରୁଥିଲେ । ଫଳରେ ଲୋକମାନଙ୍କର ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନଥିଲା । ଅର୍ଥନୈତିକ ଅଭିବୃଦ୍ଧି ତଥା ଜୀବିକା ନିର୍ବାହ କରିବା ପାଇଁ ରାଜା ରମାଇ ଦେଓ କୃଷିକାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ଉତ୍ସାହ ପ୍ରଦାନ କଲେ ଏବଂ ସମ୍ବଲପୁରକୁ ରାଜ୍ୟ ଭାବେ ଘୋଷଣା କଲେ । ଫଳରେ ଏଠାରେ କୃଷିଭିତିକ ପରମ୍ପରା ଗଢ଼ିଉଠିଲା । ଏହି କୃଷିଭିତିକ ପରମ୍ପରା ଅନୁଯାୟୀ ସେବେ ଠାରୁ ଏହି ନୂଆଁଖାଇ ପର୍ବ ପାଳନ ହୋଇ ଆସୁଛି ବୋଲି ବିଶ୍ୱାସ କରାଯାଏ ।

**ବୈଦିକ ମତରେ ନୂଆଁଖାଇ :** ଗବେଷକମାନେ ମତ ଦିଅନ୍ତି ଯେ, ଏହି ନୂଆଁଖାଇ ପର୍ବଟି ବହୁ ପ୍ରାଚୀନ କାଳରୁ ପ୍ରଚଳିତ । ମୁନୀଋଷିମାନେ ପାଳନ କରୁଥିବା ପଂଚଯଜ୍ଞ ମଧ୍ୟରେ ଏହା ଅନ୍ୟତମ । ପୁରାତନ କାଳରୁ କୃଷିକର୍ମକୁ ପାଂଚ ଭାଗରେ ବିଭକ୍ତ କରାଯାଇଛି । ୧. ସୀତାଯଜ୍ଞ - ଜମିରେ ହଳ କର୍ମ କରିବା । ୨. ପ୍ରଭାପଣ ଯଜ୍ଞ - ବିହନ ପ୍ରସ୍ତୁତ କରିବା । ୩. ପ୍ରଲମ୍ବନ ଯଜ୍ଞ - ଶସ୍ୟ ଉତ୍ପାଦନ କରିବା । ୪. ଖଳା ଯଜ୍ଞ - ଶସ୍ୟ ଅମଳ କରିବା । ୫. ପ୍ରୟାନା ଯଜ୍ଞ - ଉତ୍ପନ୍ନ ଶସ୍ୟକୁ ସଂରକ୍ଷଣ କରି ରଖିବା । ଏହି ଯଜ୍ଞମାନଙ୍କ ମଧ୍ୟରୁ ପ୍ରଲମ୍ବନ ବା ଶସ୍ୟ ଉତ୍ପାଦନ କରିବା ସମୟକୁ ନୂଆଁଖାଇ ଭାବେ ପାଳନ କରାଯାଇଥାଏ ।

**ନୂଆଁଖାଇ ପ୍ରସ୍ତୁତି ଓ ପାଳନ :** ନୂଆଁଖାଇ ପର୍ବର ୧୫ଦିନ ପୂର୍ବରୁ ଗାଁର ଗୁରୁଜନମାନେ ବୈଠକ ଡକାନ୍ତି । ଗ୍ରାମର ସମସ୍ତେ ଏକତ୍ରିତ ହୋଇ ଉକ୍ତ ବୈଠକରେ ଅଂଶ ଗ୍ରହଣ କରି ନୂଆଁଖାଇ ପାଳନ ପ୍ରସ୍ତୁତି ପାଇଁ ଆଲୋଚନା କରିଥାନ୍ତି । ଏହି ବୈଠକରେ ପୂଜକ ପାଞ୍ଜି ଦେଖି ନବାନ୍ନ ଖାଇବାର ତିଥି ଓ ଲଗ୍ନ ସ୍ଥିର କରିଥାନ୍ତି । ୧୯୯୦ ମସିହାରୁ ସମଗ୍ର ପଶ୍ଚିମ ଓଡ଼ିଶାରେ ଏହି ଲଗ୍ନ ଗୋଟିଏ ତିଥି ଓ ଗୋଟିଏ ସମୟରେ ପାଳିତ ହୋଇ ଆସୁଛି । ଏହା ମଧ୍ୟ ସରକାରୀ ସ୍ତରରେ ଛୁଟିଦିନ ଭାବେ ଘୋଷଣା କରାଯାଇଛି । ଗ୍ରାମରେ ଗ୍ରାମଦେବତୀଙ୍କ ବ୍ୟତୀତ ଘରେ ପୂଜା ପାଉଥିବା ଲକ୍ଷ୍ମୀଙ୍କୁ ନବାନ୍ନ ଭୋଗ ଲାଗି କରାଯାଇଥାଏ । ନୂଆ ପୋଷାକ ପିନ୍ଧି ଘରର ସବୁ ସାନମାନେ ପରିବାର ମୁଖିଆ ଓ ଗୁରୁଜନମାନଙ୍କୁ ଭକ୍ତି ଓ ସମ୍ମାନ ଜଣାଇ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଏହାକୁ ନୂଆଁଖାଇ ଜୁହାର ବୋଲି କୁହାଯାଏ । ବନ୍ଧୁ-ବାନ୍ଧବ, ସାଙ୍ଗସାଥି ଏବଂ ସମ୍ପର୍କୀୟ ମାନଙ୍କ ସହିତ ମିଳିତ ହେବାକୁ ଭେଟଘାଟ କୁହାଯାଏ । ଏହି ଭେଟଘାଟ ପରସ୍ପରକୁ ସ୍ନେହ, ପ୍ରେମ ଓ ଏକତାରେ ବାନ୍ଧି ରଖେ ବୋଲି ବିଶ୍ୱାସ ରହିଛି । ମିଳନର ପର୍ବ ନୂଆଁଖାଇରେ ବହୁତ ପୁରୁଣା ବନ୍ଧୁଙ୍କ ସହିତ ଭେଟ ହୁଏ । ଆନନ୍ଦ ଉଲ୍ଲାସର ପର୍ବ ନୂଆଁଖାଇରେ ପାଦରେ ପାଦ ମିଶାଇ ସମ୍ବଲପୁରୀ ଗୀତ ଯଥା ରସରକେଲୀ, ଡାଲଖାଇ, ଚୁଟ୍‌ଚୁଟା ଏବଂ ବାଜନିଆ ସଙ୍ଗୀତରେ ତାଳେ ତାଳେ ନାଚି ପର୍ବଟିକୁ ଖୁବ୍ ଉଲ୍ଲାସର ସହିତ ପାଳନ କରିଥାନ୍ତି ।

**ଆଦିବାସୀ ସଂସ୍କୃତିରେ ନୂଆଁଖାଇ :** ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା ଆଦିମ ଅଧିବାସୀମାନଙ୍କର ନୂଆଁଖାଇ ମୂଳ ପର୍ବ । ଜଙ୍ଗଲକୁ ପ୍ରାଣ ଠାରୁ ଅଧିକ ଭଲ ପାଉଥିବା ଆଦିବାସୀମାନେ ସଭ୍ୟତା ଉନ୍ମେଷର ବହୁ ବର୍ଷ ପୂର୍ବରୁ ଖାଦ୍ୟ ଅନ୍ୱେଷଣ କରୁଥିଲେ ଏବଂ ପ୍ରତିଟି ଖାଦ୍ୟକୁ ନିଜ ପାଟିକୁ ନେବା ପୂର୍ବରୁ ତାଙ୍କର ପ୍ରିୟ 'ଜୀ' ବା ଡୁମା (ପିତୃ-ପୁରୁଷଙ୍କ) ଉଦ୍ଦେଶ୍ୟରେ ଭୋଗ ଲଗାଉଥିଲେ । ସେମାନଙ୍କର ବିଶ୍ୱାସ ଯେ ଯେତିକି ଶସ୍ୟ ବା ଫଳକୁ ଖାଦ୍ୟ ଉପଯୋଗୀ ବୋଲି ଭାବି ଖାଉଛନ୍ତି ତାହା ତାଙ୍କର ପିତୃ ପୁରୁଷମାନେ ତାଙ୍କ ପାଇଁ ଛାଡ଼ି ଯାଇଛନ୍ତି । ସେମାନେ ବି ସେମାନଙ୍କର ପରପିଢ଼ି ପାଇଁ କିଛି ନୂଆ ଖାଦ୍ୟ ଅନୁସନ୍ଧାନ ଓ ଆବିଷ୍କାର କରି ଛାଡ଼ିଯାଆନ୍ତି । ଏହି ପ୍ରକ୍ରିୟାରେ ଅନେକ ନୂଆଖାଦ୍ୟ ଯଥା ଟୋଲ, ଚର, ମହୁଲ, କେନ୍ଦୁ, କୋଦୁଅ ମାଖନ୍ ଏବଂ ଧାନ ଆଦି ଖାଇବା ଯୋଗ୍ୟ ପଦାର୍ଥ ସେମାନେ ତାଙ୍କର ପରପିଢ଼ି ପାଇଁ ଜଣାଇ ଦେଇଯାଇଥିଲେ । ଏହିସବୁ ନୂଆଫଳକୁ ଖାଇବାର ଓ ଚାଖିବାର ପ୍ରକ୍ରିୟାକୁ ନୂଆଁଖାଇ କୁହାଯାଏ । ଯାହାକି ଆଦିବାସୀ ପରମ୍ପରା ଓ ସଂସ୍କୃତି ସହ କାହିଁ କେଉଁ କାଳରୁ ଜଡ଼ିତ । ତେଣୁ ଯେତେବେଳେ ଆଦିବାସୀ ମାନେ କୌଣସି ଫଳ ବା ଶସ୍ୟକୁ ଖାଇବା ପାଇଁ ଯାଆନ୍ତି ତା ପୂର୍ବରୁ ସେ ତାଙ୍କର ପ୍ରିୟ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି ।

**ଦେଶ ବିଦେଶରେ ନୂଆଁଖାଇ :** ନୂଆଁଖାଇ ସମଗ୍ର ଓଡ଼ିଶାରେ ବିଶେଷ କରି ଓଡ଼ିଶାର ପଶ୍ଚିମାଂଚଳ ଜିଲ୍ଲାମାନଙ୍କରେ ଆଡ଼ମ୍ବର ସହକାରେ ପାଳନ ହେଉଥିଲେ ମଧ୍ୟ ଏହା ଭାରତରେ ଅନେକ ସ୍ଥାନରେ ପାଳନ କରାଯାଏ । ଓଡ଼ିଶାର ଲୋକ ନବାନ୍ନ ଦିନ ଘରେ ଉପସ୍ଥିତ ରହିବାକୁ ଚେଷ୍ଟା କରିଥାନ୍ତି । ଯେଉଁମାନେ ନିଜ ନିଜ ଭିଟାମାଟିକୁ ଆସି ପାରନ୍ତିନି ସେମାନେ ରହୁଥିବା ଜାଗା ମାନଙ୍କରେ ନୂଆଁଖାଇ ପାଳନ କରିଥାନ୍ତି । ବିଶେଷକରି ଗୁଜୁରାଟ, ରାୟପୁର, ବିଶାଖାପାଟଣା, ମୁମ୍ବାଇ, ଚେନ୍ନାଇ, ବାଙ୍ଗାଲୋର, ଦିଲ୍ଲୀ ଆଦି ସହରରେ ଏହି ଉତ୍ସବକୁ ଉତ୍ସାହର ସହିତ ପାଳନ କରାଯାଏ । ନୂଆଖାଇ ଓଡ଼ିଆ ସାମାଜିକ ଓ ଆଧାତ୍ମିକ ଚେତନାରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି ଏହା ପରିବାରରେ ଗୁରୁଜନଙ୍କ ପ୍ରତି ସମ୍ମାନବୋଧ ଓ ଭାଇଚାରାକୁ ଦୃଢ଼ୀଭୂତ କରିଥାଏ । ନୂଆଖାଇ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ଅବସର ହେଉ ଏହା ହିଁ କାମନା ।

*ଗୋତରା, ମାହାଙ୍ଗା, କଟକ : ୯୪୩୭୧୪୨୭୧୭*



# ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ ଯେତେବେଳେ ଗୋଟିଏ ସମୁଦାୟ ନିଜ ଅଙ୍ଗନବାଡ଼ିକୁ ଆପଣେଇ ନିଏ

୨୦୪୭ ମସିହାର 'ଭାରତ' ସେହି ପିଲାମାନଙ୍କ ଦ୍ୱାରା ନିର୍ମିତ ହେବ, ଯେଉଁମାନେ ଏପର୍ଯ୍ୟନ୍ତ ବିଦ୍ୟାଳୟରେ ପାଦ ଥାପିନାହାନ୍ତି । ଏକ ସୁସ୍ଥ, ଆତ୍ମବିଶ୍ୱାସୀ ଓ ଦକ୍ଷ ବୟସ୍କ ଭାବେ ଗଢ଼ିଉଠିବା ପାଇଁ ସେମାନଙ୍କର ଏହି ଯାତ୍ରା ବହୁ ପୂର୍ବରୁ, ବିଶେଷ କରି ଜୀବନର ପ୍ରଥମ ୧,୦୦୦ ଦିନରୁ ଆରମ୍ଭ ହୋଇଥାଏ । ଲକ୍ଷ ଲକ୍ଷ ଭାରତୀୟ ଶିଶୁ ଓ ସେମାନଙ୍କ ମା'ମାନଙ୍କ ପାଇଁ ଏହି ଯାତ୍ରାରେ ସହାୟକ ସାଜିଥାଏ ଏକ ପରିଚିତ ପଡ଼ୋଶୀ ଅନୁଷ୍ଠାନ: 'ଅଙ୍ଗନବାଡ଼ି' । ଶ୍ରେଣୀଗୃହରେ ପ୍ରବେଶ କରିବାର ବହୁତ ପୂର୍ବରୁ, ପିଲାମାନଙ୍କୁ ଅଙ୍ଗନବାଡ଼ିରେ ଓଜନ ଏବଂ ମାପ କରାଯାଏ । ଶିଶୁମାନେ ପୋଷକଯୁକ୍ତ ଗରମ ଖାଦ୍ୟ ପାଆନ୍ତି ଏବଂ ଘର ବାହାରକୁ ବାହାରିଥାନ୍ତି । ଏହିଠାରେ ଆଶାୟୀ ପିତାମାତାଙ୍କୁ ପରାମର୍ଶ ଦିଆଯାଏ । ଆଜି, ୧୪ ଲକ୍ଷ ଅଙ୍ଗନବାଡ଼ି କେନ୍ଦ୍ର ନାଗରିକ ଏବଂ ରାଜ୍ୟ ମଧ୍ୟରେ ପ୍ରଥମ ସମ୍ପର୍କ ବିନ୍ଦୁ ଭାବେ କାର୍ଯ୍ୟ କରୁଛି, ଯାହା ୮.୯ କୋଟିରୁ ଅଧିକ ପିଲା, ମହିଳା ଏବଂ କିଶୋରୀ ଝିଅଙ୍କ ନିକଟରେ ପହଁଚୁଛି । ୨୫.୨ ଲକ୍ଷ ଅଙ୍ଗନବାଡ଼ି କର୍ମୀ ଏବଂ ସହାୟିକା ସେମାନେ ଯେଉଁ ଗୋଷ୍ଠୀର ସେବା କରନ୍ତି ସେହି ଗୋଷ୍ଠୀରୁ ଆସିଛନ୍ତି । ଅଙ୍ଗନବାଡ଼ି ସର୍ବଦା ପଡ଼ୋଶୀ ଭାବରେ ରହିଆସିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମାର୍ଚ୍ଚ ୨୦୧୮ ରେ ପୋଷଣ ଅଭିଯାନ ଆରମ୍ଭ କରିବା ପରେ ଏହି ପରିଚିତ ଅନୁଷ୍ଠାନ ଏକ ଜାତୀୟ ଆନ୍ଦୋଳନର ମୂଳଦୁଆ ପାଲଟିଥିଲା । ୯ମ ରାଷ୍ଟ୍ରୀୟ ପୋଷଣ ମାସ ୯ ସେପ୍ଟେମ୍ବର ୨୦୨୬ ରେ 'ହମାରି ଅଙ୍ଗନୱାଡ଼ି, ହମାରି ଜିମ୍ମେଦାରୀ' (ଆମର ଅଙ୍ଗନବାଡ଼ି, ଆମର ଦାୟିତ୍ୱ) ବିଷୟବସ୍ତୁ ସହିତ ଆରମ୍ଭ ହୋଇଛି । ଗୁଣାତ୍ମକ ସେବା ପ୍ରଦାନ କରିବାର ଦାୟିତ୍ୱ ସରକାରଙ୍କ ଉପରେ ରହିଛି, ଏବଂ ଏଥିପାଇଁ ସରକାର ପ୍ରତିବଦ୍ଧ । କିନ୍ତୁ ଏକ ଅଙ୍ଗନବାଡ଼ି କେନ୍ଦ୍ର ପ୍ରକୃତରେ ସେତେବେଳେ ସମୃଦ୍ଧ ହୁଏ ଯେତେବେଳେ ଗୋଷ୍ଠୀ ଏହାକୁ ନିଜର ଭାବରେ ଗ୍ରହଣ କରେ । ଏକ ବିକଶିତ ଭାରତ କେବଳ ସବକା ପ୍ରୟାସ ମାଧ୍ୟମରେ ନିର୍ମାଣ କରାଯାଇପାରିବ । ପୁଷ୍ଟିସାରକୁ କେବଳ ଏକ ସରକାରୀ ସେବା ଭାବରେ ଦେଖାଯାଇପାରିବ ନାହିଁ । ହିତାଧିକାରୀଙ୍କଠାରୁ ଅଂଶୀଦାର ପର୍ଯ୍ୟନ୍ତ ଗୋଷ୍ଠୀ ମାଲିକାନା ପ୍ରାୟତଃ ଏକ ଆକର୍ଷକ ବିଷୟବସ୍ତୁ ହୋଇ ରହିଛି । ଏହି ବର୍ଷ ଏହା ଏକ ପ୍ରତିଷ୍ଠାନରେ ପରିଣତ ହୋଇଛି । ଅଙ୍ଗନବାଡ଼ି ପରିଚାଳନା କମିଟିଗୁଡ଼ିକ ପ୍ରତ୍ୟେକ ଯୋଗ୍ୟ ପିଲାଙ୍କ ନିକଟରେ ପହଁଚିବା ନିଶ୍ଚିତ କରିବା ପାଇଁ ପିତାମାତା, ପଂଚାୟତ ପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କେନ୍ଦ୍ରକୁ ଆଣନ୍ତି । ସାମାଜିକ ଅଡିଟ୍ ଗୋଷ୍ଠୀଗୁଡ଼ିକୁ ସେବା ସମୀକ୍ଷା କରିବାକୁ, ଅଧିକାର ଯାଂଚ କରିବାକୁ ଏବଂ ଆନୁଷ୍ଠାନିକ ଭାବରେ ଫଳାଫଳ ରେକର୍ଡ କରିବାକୁ ସକ୍ଷମ କରେ । ସେବା ପ୍ରଦାନ କରାଯାଇଥିବା ପରିବାରଗୁଡ଼ିକ ଦ୍ୱାରା ଦାୟିତ୍ୱ ଯାଂଚ ହୋଇଯାଏ । ମା'ମାନେ ଏହି ପ୍ରକ୍ରିୟାର ମୂଳରେ ଅଛନ୍ତି । ଏସଏନପି ମେନୁ ବୋର୍ଡ ଗରମ ରନ୍ଧା ଖାଦ୍ୟ ଏବଂ ଘରକୁ ନେବା ପାଇଁ ରାସନ ନିମନ୍ତେ ଦିନୱାରୀ ଅଧିକାର ପ୍ରଦର୍ଶନ କରେ । ଯେତେବେଳେ ଜଣେ ମା' ଜାଣନ୍ତି ଯେ ତାଙ୍କ ପିଲା କ'ଣ ପାଇବାକୁ ହକଦାର, ସ୍ୱଚ୍ଛତା ଏକ ଦୈନନ୍ଦିନ ଅଭ୍ୟାସ ହୋଇଯାଏ । ଗୁଣବତା ସୁନିଶ୍ଚିତ କରିବାରେ ଗୋଷ୍ଠୀ ଏକ ଅବଗତ ଅଂଶୀଦାର ହୋଇଯାଏ । ପୋଷଣ ମାସ ୨୦୨୬ ସମୟରେ, ତିଥି ଭୋଜ, ସ୍ୱାଦ ଅଧିବେଶନ ଏବଂ ରେସିପି ପ୍ରଦର୍ଶନ ସହିତ କମିଟି, ସାମାଜିକ ଅଡିଟ୍ ଏବଂ ମେନୁ ବୋର୍ଡଗୁଡ଼ିକୁ ସକ୍ରିୟ କରାଯାଉଛି । ମେନୁ ବୋର୍ଡ ବାହାରେ ପ୍ରଥମ ହେଉଛି ଖାଦ୍ୟ । ଏକ ସୁପୋଷିତ ଭାରତ ସନ୍ତୁଳିତ ଖାଦ୍ୟ ଆବଶ୍ୟକ କରେ । ଯେଉଁଥିରେ ରହିଛି ଶସ୍ୟ ଏବଂ ବାଜରା, ଡାଲି, ବାଦାମ ଏବଂ ମଞ୍ଜି, ଦୁଗ୍ଧ ଏବଂ ଦୁଗ୍ଧଜାତ ଉତ୍ପାଦ, ଅଣ୍ଡା, ଋତୁକାଳୀନ ଫଳ ଏବଂ ସବୁଜ ପନିପରିବା । ଜୁଲାଇ ମାସରେ ପ୍ରକାଶିତ ପରିପୂରକ ପୋଷକ କାର୍ଯ୍ୟକ୍ରମ ପାଇଁ ବ୍ୟାପକ ନିର୍ଦ୍ଦେଶାବଳୀ, ୨୦୨୬, ଗରମ ରନ୍ଧା ଖାଦ୍ୟକୁ ପରିଭାଷିତ କରେ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ୨୦୧୩ ଅନ୍ତର୍ଗତ ସୂକ୍ଷ୍ମ ପୋଷକ ମାନଦଣ୍ଡକୁ ସୁଦୃଢ଼ କରେ । ଦ୍ୱିତୀୟଟି ହେଉଛି ପ୍ରାରମ୍ଭିକ ଶିକ୍ଷା । ଏକ ଶିଶୁ କ'ଣ ଖାଏ ଏବଂ ଶିଖେ ତାହା ଗଭୀର ଭାବରେ ଜଡିତ । ଅଙ୍ଗନବାଡ଼ି କର୍ମୀମାନେ ଏକ ଶିଶୁର ପ୍ରଥମ ତିନି ବର୍ଷରେ ୩୪ ଟି ବିକାଶ ମୂଳକ ମାଇଲଖୁଂଟ ଟ୍ରାକ୍ କରନ୍ତି । ନବଚେତନା ଏବଂ ଆଧାରଶିଳା ପାଠ୍ୟକ୍ରମ ସ୍କୁଲ ପ୍ରସ୍ତୁତିରେ ପୋଷକ ଏବଂ ଶିଶୁର ଯତ୍ନ ନେଇଥାଏ । ତୃତୀୟଟି ପିଲା ଆସିବା ପୂର୍ବରୁ ଆରମ୍ଭ ହୁଏ । ଗର୍ଭାବସ୍ଥାରେ ଜଣେ ମାଆର ନିଜସ୍ୱ ପୁଷ୍ଟିସାର ତାଙ୍କ ପିଲାର ଜୀବନର ଆରମ୍ଭକୁ ଆକାର ଦିଏ । ଏହି ପୋଷଣ ମାସ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ଦଶ ବର୍ଷ ପୂରଣ କରେ, ଯାହା ପ୍ରଧାନମନ୍ତ୍ରୀଙ୍କ ବିଶ୍ୱାସକୁ ପ୍ରତିଫଳିତ କରେ ଯେ କୌଣସି ମହିଳାଙ୍କୁ ରୋଜଗାର ଏବଂ ସ୍ୱାସ୍ଥ୍ୟ ମଧ୍ୟରୁ କୌଣସି ଏକ ବାଛିବାକୁ ପଡ଼ିବ ନାହିଁ । ଏକ ଦଶନ୍ଧି ପରେ, ୪.୬୫ କୋଟି ହିତାଧିକାରୀ ସିଧାସଳଖ ସେମାନଙ୍କ ଆକାଉଂଟରେ ଟ.୨୧,୫୧୧ କୋଟି ପାଇଛନ୍ତି । ମିଶନ ଶକ୍ତି ଅଧୀନରେ ସୁଦୃଢ଼, ଏହା ଦ୍ୱିତୀୟ କନ୍ୟା ସନ୍ତାନ ପାଇଁ ଏକ ଅତିରିକ୍ତ ଲାଭ ପ୍ରଦାନ କରେ । ଆର୍ଥିକ ସର୍ଭେ ୨୦୨୫-୨୬ ସ୍ପଷ୍ଟ କରେ ଯେ ଏପରି ସ୍ଥାନାନ୍ତର ଯେତେବେଳେ ପରିବାର ମଧ୍ୟରେ ସୂଚନାଭିତିକ ନିଷ୍ପତି ନେବାକୁ ସକ୍ଷମ କରେ ଏବଂ ଏପରି ପରାମର୍ଶ ସହିତ ଯାତ୍ରା କରେ ସେତେବେଳେ ଏହାର ପୂର୍ଣ୍ଣ ଉଦ୍ଦେଶ୍ୟ ହାସଲ କରେ । ରାଜସ୍ଥାନର କ୍ୟାସ୍ ପ୍ଲସ୍ ମଡେଲ୍ ସମୀକ୍ଷା କରି, ଯାହା ଏହି ସ୍ଥାନାନ୍ତରଗୁଡ଼ିକୁ ସ୍ଥାୟୀ ଆଚରଣ ପରିବର୍ତନ ଯୋଗାଯୋଗ ସହିତ ଯୋଡିଥିଲା । ଏହା ରେକର୍ଡ କରେ ଯେ ଖାଦ୍ୟ ଉପରେ ଖର୍ଚ୍ଚ କରୁଥିବା ମହିଳାମାନଙ୍କର ଅଂଶ ୩୦ ପ୍ରତିଶତରୁ ୮୯ ପ୍ରତିଶତକୁ ବୃଦ୍ଧି ପାଇଛି, ଏବଂ ସ୍ୱାମୀ ଓ ପରିବାର ଆଲୋଚନାରେ ସାମିଲ ହେବା ସହିତ ମାତୃ



ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ

ପୋଷକ ସମ୍ପର୍କିତ ଭ୍ରାନ୍ତଧାରଣା ହ୍ରାସ ପାଇଛି । ମାତୃ ପୁଷ୍ଟିସାର ସୁନିଶ୍ଚିତ କରିବାର ଦାୟିତ୍ୱ କେବେବି ତାଙ୍କ ଏକାକି ନଥିଲା । ତେଣୁ ଅଙ୍ଗନବାଡ଼ି ପରିସରରେ ସହଭାଗୀତା ବୃଦ୍ଧି ପାଉଛି । କେନ୍ଦ୍ରରେ ଥିବା ମହିଳାଙ୍କୁ ସମ୍ମାନ କରିବା ଅଙ୍ଗନବାଡ଼ି କର୍ମୀ କେନ୍ଦ୍ରରେ ଠିଆ ହୋଇଛନ୍ତି । ଗୋଷ୍ଠୀ ମାଲିକାନା ଅର୍ଥ ପୁଷ୍ଟିସାର ଏବଂ ପ୍ରାରମ୍ଭିକ ଶୈଶବ ଯତ୍ନର ସମ୍ପୂର୍ଣ୍ଣ ଭାର ତାଙ୍କ ଉପରେ ଲଦି ଦେବା ନୁହେଁ । ଏହାର ଅର୍ଥ ତାଙ୍କୁ ସମ୍ମାନ କରିବା, ସମର୍ଥନ କରିବା ଏବଂ ଦୃଢ଼ କରିବା ଆବଶ୍ୟକ । ତାଙ୍କର ଜ୍ଞାନ ଏବଂ ବିଶ୍ୱାସ ଅପରିହାର୍ଯ୍ୟ । ଏହି ସେପ୍ଟେମ୍ବର ରେ, ମୁଁ ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କ ଅଂଚଳରେ ଅତି କମରେ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବାକୁ ଆହ୍ୱାନ କରୁଛି । ଅଙ୍ଗନୱାଡି କର୍ମୀଙ୍କ ସହ କଥା ହୁଅନ୍ତୁ, ମେନୁ ବୋର୍ଡ ପଢ଼ନ୍ତୁ ଏବଂ ପଚାରନ୍ତୁ ଯେ ଆପଣ କିପରି ସମର୍ଥନ କରିପାରିବେ । ପିତା, ଜେଜେ ମାଆ, ପଂଚାୟତ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସମସ୍ତଙ୍କର ଭୂମିକା ଅଛି । ଏହି ସେପ୍ଟେମ୍ବର ମାସରେ ଆମ ଅଙ୍ଗନବାଡ଼ିଗୁଡ଼ିକରେ ଓଜନ ହେଉଥିବା ଶିଶୁମାନେ ସେତେବେଳେ କୋଡ଼ିଏ ବର୍ଷରୁ ଅଧିକ ବୟସର ହୋଇ ସାରିଥିବେ, ଯେତେବେଳେ ଭାରତ ତା'ର ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବ । ସେହି ବର୍ଷ ସେମାନେ ଯେଉଁ ସ୍ୱାସ୍ଥ୍ୟ ଓ ଆତ୍ମବିଶ୍ୱାସ ନେଇ ଆଗକୁ ବଢ଼ିବେ, ତାହା ଆଜି ଗଢ଼ା ହେଉଛି । ଯେତେବେଳେ ପ୍ରତ୍ୟେକ ସମୁଦାୟ ନିଜ ଅଙ୍ଗନବାଡ଼ିର ଦାୟିତ୍ୱ ନିଏ, ସେତେବେଳେ ଭାରତ ପ୍ରତ୍ୟେକ ଶିଶୁର ଭବିଷ୍ୟତର ଦାୟିତ୍ୱ ନିଏ ।

***(ଲେଖକ ଭାରତ ସରକାରଙ୍କ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ।)***

# ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ନାମରେ ଅର୍ଥ ଠକେଇ ଅଭିଯୋଗ

ଜଳେଶ୍ୱର(ନିପ୍ର): ବହୁ ସରକାରୀ ଜନହୀତକର ପ୍ରକଳ୍ପର ସୁଫଳ ଜନସାଧାରଣଙ୍କ ପାଖରେ ପହଂଚି ପାରୁନାହିଁ । ବରଂ ସମାଜର କିଛି ଲୋକ ତାର ଦୁରୁପଯୋଗ କରି ଜନସାଧାରଣଙ୍କୁ ଠକେଇ ଶୋଷଣ କରୁଥିବାର ଦେଖିବାକୁ ମିଳୁଛି । ଏହିପରି ଏକ ଯୋଜନା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା । ଯାହା ଦ୍ୱାରା ଜନସାଧାରଣ କମ ଅର୍ଥରେ ସରକାରୀ ସବସିଡ ଦ୍ୱାରା ସୋଲାର ଲଗାଇ ବିଦ୍ୟୁତ୍ ବିଲ କମାଇବା ସହିତ ଲାଭ ପାଇବା ପାଇଁ ସରକାର କରିଛନ୍ତି । ମାତ୍ର ବର୍ତମାନ ରାଜ୍ୟରେ ଏହି ସୂର୍ଯ୍ୟଘର ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ବହୁ ବେନାମୀ ସଂସ୍ଥା ବାହାରିଛି । ଯାହା ଦ୍ୱାରା ଲୋକେ ଯୋଜନାର ସୁଫଳ ପାଇବା ପରିବର୍ତେ ଅର୍ଥ ଶୋଷଣର କଷ୍ଟ ଭୋଗ କରିବା ସହିତ ଏହି ଯୋଜନା ବିଫଳ ହେବାରେ ଲାଗିଛି । ଏହିପରି ଏକ ଘଟଣାକୁ ନେଇ ଜଳେଶ୍ୱର ଥାନା ନେତୁଆ ଗ୍ରାମର ମନୋରଂଜନ ପାତ୍ର ଜଳେଶ୍ୱର ଥାନା ଅଧିନ ସୁଗୋ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାନୁଯାୟୀ ଗତ ତା୧୬-୧୦-୨୦୨୫ରିଖରେ ଜଳେଶ୍ୱର ଥାନା ମହମ୍ମଦନଗର ପାଟଣା ଅଂଚଳର ଗୌରାଙ୍ଗ ଦାସ ନାମକ ବ୍ୟକ୍ତିଙ୍କ ପରାମର୍ଶରେ ପ୍ରଧାନ ମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଭୁବନେଶ୍ୱର ଭାରତ ସୋଲାର କମ୍ପାନୀ ଦ୍ୱାରା ଏକ ସୋଲାର ବସାଇବା ପାଇଁ ହିତାଧିକାରୀ ମନୋରଂଜନ ପାତ୍ରଙ୍କ ସହିତ କଥାବାର୍ତ କରିବା ସହିତ କମ୍ପାନୀର ମ୍ୟାନେଜର ଅରବିନ୍ଦ ନାୟକ ନାମକ ବ୍ୟକ୍ତିଙ୍କ ସହିତ ଯୋଗାଯୋଗ କରାଇଥିଲେ । କଥାବାର୍ତା ପରେ ରାଇବଣିଆ ଥାନା ବେଗୁନିଆ ଅଂଚଳର ଶିବଶଙ୍କର ଦାସଙ୍କୁ ପଠାଇ କାଗଜପତ୍ର ସହିତ ନଗଦ ୨୧ହଜାର ୭୮୭ଟଙ୍କା ନେବା ସହିତ ସୁଗୋ ୟୁକୋ ବ୍ୟାଙ୍କ ଶାଖାରେ ତାଙ୍କ ନାମରେ ୧ଲକ୍ଷ ୮୯ ହଜାର ଟଙ୍କାର ଏକ ଋଣ କରି ସୋଲାର ପ୍ଲେଟ ଗୁଡିକ ବସାଇ ଦେଇଥିଲେ । ମାତ୍ର ଆଜିକୁ ୯ମାସ ବିତି ଯାଇଥିଲେ ମଧ୍ୟ ସୋଲାର ସହିତ ବିଦ୍ୟୁତ୍ ସଂଯୋଗ କରୁ ନାହାନ୍ତି ବା ସୋଲାର କାର୍ଯ୍ୟକ୍ଷମ କରୁନାହାନ୍ତି ବରଂ ମାସକୁ ମାସ ବ୍ୟାଙ୍କ ଖାତାରୁ ୨୦୯୯ଟଙ୍କା ଲେଖାଏଁ କଟିଯାଉଛି । ଉକ୍ତ କମ୍ପାନୀ ବା ଉକ୍ତ ବ୍ୟକ୍ତିମାନେ କୌଣସୀ ଫୋନ ଉଠାଉ ନାହାନ୍ତି ବା କାର୍ଯ୍ୟ ବିଷୟରେ ବୁଝୁନାହାନ୍ତି । ପରେ ଜଣାପଡିଛି ଯେ ଏହିପରି ଜଳେଶ୍ୱର ଅଂଚଳରେ ବହୁ ଠକ ସଂସ୍ଥା ଖୋଲାଯାଇଛି ଏବଂ ଜଳେଶ୍ୱର ବ୍ଲକର ବିଭିନ୍ନ ପଂଚାୟତରେ ବହୁ ବ୍ୟକ୍ତି ସୋଲାର ଲଗାଇବା ନାମରେ ଅର୍ଥ ଶୋଷଣର ଶିକାର ହୋଇଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ତରଫରୁ ଏହିପରି ସରକାରଙ୍କ ପ୍ରକଳ୍ପ ନାମରେ ଲୋକଙ୍କୁ ଲୁଟୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଶୋଷଣର ଶିକାର ହୋଇଥିବା ଲୋକଙ୍କୁ ନ୍ୟାୟ ଦେବା ପାଇଁ ବହୁ ହିତାଧିକାରୀ ଦାବୀ କରିଛନ୍ତି ।

# ନକଲି ପ୍ରମାଣପତ୍ରରେ ସିଆରପି ଚାକିରୀ, କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ସିମୁଳିଆ(ନିପ୍ର): ଶ୍ୟାମସୁନ୍ଦରପୁର ପଂଚାୟତର କୁଁଅରପୁର କ୍ଲଷ୍ଟରର ସିଆରପି ଚୟନ ବେଳେ ଜାଲ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇବା ଓ ପରେ ଏହା ଜାଲ ପ୍ରମାଣପତ୍ର ଜାଣିବା ପରେ ତାଙ୍କୁ କାର୍ଯ୍ୟରେ ନିଲମ୍ବନ କରିବାକୁ ଦାବି । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ବିଏଲଫ ଅଧୀନରେ ଶ୍ୟାମସୁନ୍ଦରପୁର ପଂଚାୟତର କୁଁଅରପୁର କ୍ଲଷ୍ଟରର ଫେବୃୟାରୀ ୨୦୨୪ମସିହାରେ ଯାଂଚ କମିଟିଙ୍କ ଉପସ୍ଥିତିରେ ସିଆରପି ଚୟନ କରାଯାଇଥିଲା । ଏହି ଚୟନ ପ୍ରକ୍ରିୟାରେ ମମତାରାଣୀ ମହାକୁଡ଼ ଏମ.ଏ ପ୍ରମାଣପତ୍ର ଦେଇ ଚାକିରୀ ହାତେଇ ଥିଲେ । ମାତ୍ର ପଂଚାୟତ ସ୍ତରୀୟ ସଭାପତି ଭବାନୀ ମହାନ୍ତି, ମମତାରାଣୀ ମହାକୁଡ଼ ଜାଲ ପ୍ରମାଣପତ୍ର ଦେଇ ଚାକିରୀ



କରିଥିବା ନେଇ ୨୦୨୫ମସିହାରେ ସିମୁଳିଆ ବିଡ଼ିଓଙ୍କୁ ଅବଗତ କରିଥିଲେ । ଏହା ଭିତରେ ଦୁଇ ଜଣ ବିଡ଼ିଓ ବଦଳି ହୋଇ ଯାଇଥିଲେ ବି ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି । ଫଳରେ ବାଧ ହୋଇ ଶ୍ରୀମତୀ ମହାନ୍ତି ମାନ୍ୟବର କୋର୍ଟରେ ଆଶ୍ରୟ ନେଇଥିଲେ । ମାନ୍ୟବର କୋର୍ଟ ଏହି ଘଟଣାର ଯାଂଚ ନିମନ୍ତେ ସିମୁଳିଆ ବିଡ଼ିଓଙ୍କୁ wp(c) ନଂ ୩୪୮୧୨୬ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶକ୍ରମେ ସିମୁଳିଆ ବିଡ଼ିଓ ସୁନିଲ କୁମାର ଟୁଡୁ ଉକ୍ତ ଏମ. ଏ ପ୍ରମାଣପତ୍ର ଆନ୍ଧ୍ର ପ୍ରଦେଶ ତିରୁପତି ନେସନାଲ ସଂସ୍କୃତ ୟୁନଭରସିଟିରୁ ଏହା ଜାଲ ପ୍ରମାଣପତ୍ର ବୋଲି ଜାଣିବାକୁ ପାଇଥିଲେ । ଏ ସଂକ୍ରାନ୍ତରେ ୨୯.୦୬.୨୬ ମସିହାରେ ବିଡ଼ିଓ ଶ୍ରୀ ଟୁଡୁ ବ୍ଲକ ସ୍ତରୀୟ ସଭାପତି ବାସନ୍ତୀ ଭୋଇ ଓ ସମ୍ପାଦିକା ଶକୁନ୍ତଳା ବେହେରାଙ୍କୁ ଚିଠି ନଂ ୨୯୧ ମୂଳେ ସିଆରପି ଫେବୃଆରି ୨୦୨୪ ମସିହା ଠାରୁ ଆଜି ପର୍ଯ୍ୟନ୍ତ ନିରନ୍ତର କାର୍ଯ୍ୟକରି ମାସିକ ପ୍ରୋତ୍ସାହନ ରାଶି ଗ୍ରହଣ କରି ଆସୁଛି କ୍ଷ ଯାହା ସରକାରୀ ନିୟମ ଉଲ୍ଲଙ୍ଘନ ଅଟେ । ୭ଦିନ ଭିତରେ ଏହି ଘଟଣାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଣାଇବେ । ଦୁଇ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ବି ବ୍ଲକ ସ୍ତରୀୟ ସଙ୍ଘ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ । ପୁନଃ ଶ୍ରୀମତୀ ମହାନ୍ତି ଅଭିଯୋଗ କରିବା ପରେ ୦୩.୦୯.୨୬ରେ ବ୍ଲକ ସ୍ତରୀୟ ସଙ୍ଘ ପଂଚାୟତ ସ୍ତରୀୟ ସଙ୍ଘକୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ଚିଠି ମାଧ୍ୟମରେ ଦାୟୀତ୍ୱ ଦେଇଥିଲେ । ଶ୍ରୀମତୀ ମହାନ୍ତି ଓ ତାଙ୍କ ସମର୍ଥକ ମାନେ ଏକ ପ୍ରେସ ବିବୃତିରେ ଏହା ପ୍ରକାଶ କରିବା ପରେ ବ୍ଲକ ସଙ୍ଘ ସଭାପତି ଶ୍ରୀମତୀ ଭୋଇଙ୍କୁ ପଚାରିବାରୁ ନିଯୁକ୍ତି ପଂଚାୟତ ସ୍ତରୀୟ କରିଛନ୍ତି କାର୍ଯ୍ୟାନୁଷ୍ଠାନ ସେମାନେ ନେବେ । ଏ ସଂକ୍ରାନ୍ତରେ ବିଡ଼ିଓ ଶ୍ରୀ ଟୁଡୁଙ୍କୁ ପଚାରିବାରୁ ଏହି ଶୁକ୍ରବାର ଦିନ ଦୁଇ ଗୋଷ୍ଠୀଙ୍କୁ ଡାକି ତୁରନ୍ତ ସମାଧାନ କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରକାଶ କରିଥିଲେ ।

# ସିଦ୍ଧି ବିନାୟକ ମନ୍ଦିରରେ ଗଣେଶ ମହୋତ୍ସବ

ବାରିପଦା(ନିପ୍ର): ଗଣେଶ ଚତୁର୍ଥୀ ଗଣେଶ ପୂଜାକୁ ନେଇ ବାରିପଦା ସହର ଚଳ ଚଂଚଳ ହୋଇ ଉଠିଛି । ସହରର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଛି ସୁଉଚ୍ଚ ତୋରଣ ସହିତ ବିଶାଳ କାୟ ଗଣେଶଙ୍କ ମୃଣ୍ମୟୀ ପ୍ରତିମା । ବିଭିନ୍ନ ପୂଜା କମିଟି, ସ୍କୁଲ କଲେଜ ପକ୍ଷରୁ ଗଣେଶ ପୂଜା ଆଜି ଧୂମଧାମରେ ପାଳିତ ହୋଇଯାଇଛି । ସହରର ଲାଲବାଜାର, କଲେଜ ଛକ, ତୁଳସୀ ଚୌରା, ଗାନ୍ଧୀପାର୍କ, ଷ୍ଟାଡିୟମ ଗୋଲେଇ, ତକତପୁର ଆଦି ସ୍ଥାନରେ ସଦୃଶ୍ୟ ତୋରଣ ସଜସଜ୍ଜା ସହ ଗଣେଶ ପୂଜା ଅନୁଷ୍ଠିତ



ହେଉଥିବା ବେଳେ, ବାରିପଦାର ସର୍ବବୃହତ ଗଣେଶ ପୂଜା ଭାବେ ପରିଚିତ ଲାଲବଜାର ରାଜା ଗଣେଶପୂଜା ଏବଂ ତୁଳସୀ ଚଉରା ଗଣେଶ ପୂଜା ମେଳାରେ ବିଶେଷ ଭିଡ଼ ପରିଲକ୍ଷିତ ହୋଇଛି । ସେହିପରି ବାରିପଦାର ପ୍ରତିଷ୍ଠିତ ସିଦ୍ଧି ବିନାୟକ ମନ୍ଦିର ରେ ଚଳିତ ବର୍ଷ ଗଣେଶ ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ଆଜି ସକାଳ ଠାରୁ ରାତ୍ରୀ ଯାଏ ମନ୍ଦିରରେ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ପରମ୍ପରା ଓ ବିଧିବିଧାନ ଅନୁଯାୟୀ ଆଜି ଭୋର ୪ଟା ସମୟରେ ମନ୍ଦିରର ପହୁଡ଼ ଖୋଲାଯାଇଥିଲା । ଏହାପରେ ପୂଜକ ମାନଙ୍କ ଦ୍ୱାରା ପ୍ରଭୁଙ୍କ ମଙ୍ଗଳ ଆଳତି, ସ୍ନାନ, ମାର୍ଜନା, ବେଶ ଏବଂ ସ୍ୱତନ୍ତ୍ର ନୀତିକାନ୍ତି ସମ୍ପନ୍ନ ପରେ ସାଧାରଣ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ସାର୍ବଜନୀନ ପୂଜା ଆରମ୍ଭ ହୋଇଥିଲା । ପୂଜା ଉପଲକ୍ଷେ ସମଗ୍ର ମନ୍ଦିର ପରିସରକୁ ରଙ୍ଗବେରଙ୍ଗର ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିବା ବେଳେ ଷ୍ଟିଲଗୋଲେଇ ରାସ୍ତାରେ ନିର୍ମିତ ସୁଦୃଶ୍ୟ ଆଲୋକିତ ତୋରଣ ଓ ଲାଇଟିଂ ସାଜସଜ୍ଜା ପଥଚାରୀ ତଥା ଦର୍ଶନାର୍ଥୀଙ୍କୁ ଆକର୍ଷିତ କରୁଛି । ଶ୍ରଦ୍ଧାଳୁ ମାନେ ଶୃଙ୍ଖଳିତ ଭାବେ ଧାଡ଼ି ବାନ୍ଧି ପ୍ରଭୁ ସିଦ୍ଧିବିନାୟକଙ୍କୁ ଲଡ଼ୁ, ମୋଦକ ଓ ନୈବେଦ୍ୟ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ମନ୍ଦିର କମିଟି ଓ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ଏସ୍‌ସି ଏବଂ ଏସଟି ବିଭାଗର ଦୁଇ ଜଣ ନିରୀକ୍ଷକ

କଟକ(ନିପ୍ର): ଓଡ଼ିଶା ସରକାରଙ୍କ ଏସ୍ ସି/ଏସ ଟି ବିଭାଗର ଅଡିଟର ପ୍ରଶାନ୍ତ କୁମାର ପ୍ରଧାନ ଏବଂ ପ୍ରଜ୍ଞାନ ପ୍ରକାଶ ପାତ୍ରଙ୍କୁ ଏକ ଇଂଟରସେପ୍ସନ ମାମଲାରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି ଏବଂ ସେମାନଙ୍କୁ ମାନ୍ୟବର ଏସ୍ପିଏଲ୍ ବିଚାରପତି, ଭିଜିଲାନ୍ସ, ବାରିପଦାଙ୍କ ନିକଟକୁ ପଠାଯିବ । ଏହି ସମ୍ପର୍କରେ, ଓଡ଼ିଶା ଭିଜିଲାନ୍ସ ବାଲେଶ୍ୱର ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୨୩ ଏବଂ ୨୪ ତାରିଖ ୧୧.୦୯.୨୦୨୬ ଅନୁଯାୟୀ ପିସି (ସଂଶୋଧନ) ଆଇନ, ୨୦୧୮ ର ଧାରା ୧୩(୨) ଆର/ଡବ୍ଲୁ ୧୩(୧)(ବି) ଅନୁଯାୟୀ ଏସ୍ ସି/ଏସ୍ ପି ବିଭାଗର ଅଡିଟର ପ୍ରଜ୍ଞାନ ପ୍ରକାଶ ପାତ୍ର ଏବଂ ପ୍ରଜ୍ଞାନ କୁମାର ପ୍ରଧାନଙ୍କ ବିରୁଦ୍ଧରେ ଦୁଇଟି ମାମଲା ରୁଜୁ କରିଛି । ମୟୂରଭଞ୍ଜ ଜିଲ୍ଲାର ଏସ ସି/ଏସ ଟି ବିଭାଗର ଆଶ୍ରମ ସ୍କୁଲ ଏବଂ ଏସ ଏସ ଡି ଛାତ୍ରାବାସର ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ଲାଂଚ ଆଦାୟ ସମ୍ପର୍କରେ ସୂଚନା ଆଧାରରେ, ଓଡ଼ିଶା ଭିଜିଲାନ୍ସର ଏକ ଦଳ ଉଭୟ ଅଡିଟରଙ୍କ ଗତିବିଧି ଏବଂ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିଥିଲା ।ଗତକାଲି, ଏସ ସି/ଏସ ଟି ବିଭାଗର ଅଡିଟର ପ୍ରଶାନ୍ତ କୁମାର ପ୍ରଧାନ ଏବଂ ପ୍ରଜ୍ଞାନ ପ୍ରକାଶ ପାତ୍ର, ଉଭୟ ଡିଡବ୍ଲୁଓ ଅଫିସ, ବାରିପଦାରୁ ଅଡିଟ୍ କାର୍ଯ୍ୟ ସମାପ୍ତ କରି ବାରିପଦାର ରକ୍ସି ଲେନ୍ ସ୍ଥିତ ମହାପାତ୍ର ହୋଟେଲରେ ରହୁଥିବା ସ୍ଥାନକୁ ଯାଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସର ଏକ ଦଳ ସେମାନଙ୍କୁ ଅଟକାଇଥିଲା । ଅଟକାଇବା ସମୟରେ, ସେମାନଙ୍କ ନିକଟରୁ ୫୨ଟି ଲଫାପା ଏବଂ ୨୦ଟି ଖୋଲା ବଣ୍ଡଲରେ ୫,୫୧,୫୧୦ଟଙ୍କା ସନ୍ଦେହଜନକ ଭାବରେ ଅର୍ଜିତ ନଗଦ ମିଳିଥିଲା । ଏହା ପରେ, ସେମାନଙ୍କ ହୋଟେଲ ରୁମରେ ତଲାସି କରାଯାଇଥିଲା । ତଲାସି ସମୟରେ, ଆହୁରି ୮,୮୬,୮୩୦ଟଙ୍କା ଠାବ କରାଯାଇ ଜବତ କରାଯାଇଥିଲା । ସେମାନେ ଏତେ ବିପୁଳ ନଗଦର ହିସାବ ଦେଇ ନପାରିବାରୁ, ମୋଟ ୧୪,୩୮,୩୪୦ଟଙ୍କା ଜବତ କରାଯାଇଥିଲା ।ଏହି ବାଧାପ୍ରାପ୍ତ ହେବା ପରେ, ଭୁବନେଶ୍ୱରର ସୂର୍ଯ୍ୟନଗରର ୟୁନିଟ୍-୭ର କ୍ୱାର୍ଟର ନଂ. ଏଫ୍-୪୨ରେ ଅବସ୍ଥିତ ଶ୍ରୀ ପ୍ରଧାନଙ୍କ ସରକାରୀ ଆବାସିକ କ୍ୱାର୍ଟର ଏବଂ ଭୁବନେଶ୍ୱରର ବରମୁଣ୍ଡା ଟେଲକୋ କଲୋନିର କ୍ୱାର୍ଟର ନଂ. ଇ-୨୮ରେ ଅବସ୍ଥିତ ଶ୍ରୀ ପାତ୍ରଙ୍କ ସରକାରୀ ଆବାସିକ କ୍ୱାର୍ଟରରେ ଏକକାଳୀନ ତଲାସ ଆରମ୍ଭ କରାଯାଇଥିଲା । ଅଡିଟର ଯୁଗଳ ୩୦ ଅଗଷ୍ଟ ୨୦୨୬ ଠାରୁ ବାରିପଦାରେ ଡିଡବ୍ଲୁଓ କାର୍ଯ୍ୟାଳୟ, ବାରିପଦାର ଅଡିଟ୍ ପରିଚାଳନା ପାଇଁ ଥିଲେ । ଏହା ପରେ, ସେମାନେ ଏସସି/ଏସଟି ବିଭାଗ ଅଧୀନରେ ଥିବା ଆଶ୍ରମ, ସେବାଶ୍ରମ, ହାଇସ୍କୁଲ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଏସଏସଡି ଛାତ୍ରାବାସର ଅଡିଟ୍ ନେଇଥିଲେ । ସେମାନେ ପ୍ରଧାନ ଶିକ୍ଷକ ଏବଂ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କୁ ସ୍କୁଲ/ହଷ୍ଟେଲ ଫାଇଲ୍ ଏବଂ ରେଜିଷ୍ଟର ସହିତ ବାରିପଦାରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଭିଜିଲାନ୍ସ କର୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଆସିଥିଲା ଯେ ଅଡିଟରମାନେ ସ୍କୁଲ/ହଷ୍ଟେଲ କର୍ତୃପକ୍ଷଙ୍କ ଠାରୁ ପ୍ରତି ନାମ ଲେଖାଇଥିବା ଛାତ୍ରଙ୍କ ପାଇଁ ୧୦ ଟଙ୍କା ଲାଂଚ ଦାବି କରିଥିଲେ ଯାହା ଦ୍ୱାରା ସେମାନଙ୍କ ସ୍କୁଲର ସୁଗମ ଅଡିଟ୍ ସୁନିଶ୍ଚିତ ହୋଇପାରିବ । ଅଭିଯୋଗର ସତ୍ୟତା ପ୍ରମାଣିତ ହେବା ପରେ, ସେମାନଙ୍କୁ ଅଟକାଯାଇଥିଲା । ମାମଲାର ତଦନ୍ତ ଜାରି ରହିଛି । ପ୍ରଜ୍ଞାନ ପ୍ରକାଶ ପାତ୍ର (ଡି ଓ ବି - ୦୩.୦୭.୧୯୯୦) ସେପ୍ଟେମ୍ବର ୨୦୨୨ ରେ ଭୁବନେଶ୍ୱରରଏସଟି/ଏସ ସି ବିଭାଗ ଅଧୀନରେ ଅଡିଟର ଭାବରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ । ସେ ଆଜି ପର୍ଯ୍ୟନ୍ତ ଏହି ପଦବୀରେ କାର୍ଯ୍ୟ କରୁଛନ୍ତି । ପ୍ରସାନ୍ତ କୁମାର ପ୍ରଧାନ (ଡି ଓ ବି - ୧୫.୦୭.୧୯୭୩) ୨୫.୦୩.୧୯୬ରେ ମାଲକାନଗିରିର କଲେକ୍ଟୋରେଟରେ ଜୁନିଅର କ୍ଲର୍କ ଭାବରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ । ଏପ୍ରିଲ ୨୦୨୧ରେ ତାଙ୍କୁ ଅଡିଟର ପଦବୀକୁ ପଦୋନ୍ନତି ଦିଆଯାଇ ଥିଲା ଏବଂ ଭୁବନେଶ୍ୱରର ଏସ ଟି/ଏସ ସି ବିଭାଗ ଅଧୀନରେ ନିଯୁକ୍ତି ଦିଆଯାଇଥିଲା । ସେ ଆଜି ପର୍ଯ୍ୟନ୍ତ ଏହି ପଦବୀରେ କାର୍ଯ୍ୟ କରୁଛନ୍ତି ।





# ଡାଲା ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା : ନାବାଳକ ମୃତ, ଯୁବକ ଗୁରୁତର

ମାଲକାନଗିରି, (ହି.ସ.)- ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ୩୨୬ ନଂ ଜାତୀୟ ରାଜପଥର ଏମଭି-୯୦ ତେଲରାଇ ମଧଭାଗ ମୋଡ଼ ନିକଟରେ ସୋମବାର ସକାଳ ପ୍ରାୟ ୧୧ ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ତେଲ ଡ୍ରମ୍ ବୋଝେଇ ଡାଲା ଅଟୋ ସହିତ ବାଇକ୍ ର ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ରେ ଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣେ ନାବାଳକର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତ ନାବାଳକ ଜଣକ ପଡିଆ ଥାନା ଅନ୍ତର୍ଗତ ଏମପିଭି-୬୬ ଗ୍ରାମର ସୁମଙ୍ଗଳ ଚୌଧୁରୀଙ୍କ ପୁଅ ଯାମିନୀ ଚୌଧୁରୀ (୧୫) ବୋଲି ଜଣାପଡିଛି । ବାଇକ୍ ରେ ଥିବା ଅନ୍ୟ ଯୁବକ ସେହି ଗ୍ରାମର ଉତମ ବିଶ୍ୱାସଙ୍କ ପୁଅ ରୋହିତ ବିଶ୍ୱାସ (୨୨) ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ଯାମିନୀ ଓ ରୋହିତ ବାଇକ୍ ଯୋଗେ କାଲିମେଲା ପଟୁ ଏମଭି-୭୯ ଆଡକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ତେଲ ବୋଝେଇ ଡାଲା ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଧକ୍କା ଏତେ ଜୋରରେ ଥିଲା ଯେ ଅଟୋ ଓ ବାଇକ୍ ଭାଙ୍ଗି ଚୁରମାର ହୋଇଯାଇଛି ଏବଂ ଅଟୋରେ ଥିବା ତେଲ ଡ୍ରମ୍ ଗୁଡିକ ରାସ୍ତା ଉପରେ ପଡି ରହିଥିଲା । ଖବର ପାଇ ଏମଭି-୭୯ ପୋଲିସ ଓ କାଲିମେଲା ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିବା ସହ ଅଟୋ ଓ ବାଇକ୍ କୁ ଜବତ କରିଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏମଭି -୭୯ ଥାନା ଅଧିକାରିଣୀ ପୂର୍ଣ୍ଣିମା ଟେଟେଙ୍କ ଉପସ୍ଥିତିରେ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡିଛି ।

# କେନାଲ ଜାମ ଯୋଗୁଁ ବଦଳିଲା ଗତିପଥ: ଜନଜୀବନ ବିପନ୍ନ, ନିଦାବିଷ୍ଟ କ୍ଷୁଦ୍ର ଜଳସେଚନ ବିଭାଗ

ଚମ୍ପୁଆ,(ହି.ସ.): ବିଭାଗୀୟ ଉଦାସୀନତା ଓ ଦୂରଦୃଷ୍ଟି ଅଭାବରୁ ଚମ୍ପୁଆ ଏନଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ବାରିକ ସାହିରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଛି । ସାହେବ ବନ୍ଧରୁ ବହିଯାଉଥିବା ମୁଖ୍ୟ କେନାଲଟି ଦୀର୍ଘ ଦିନ ଧରି ସଫା କରାଯାଉ ନଥିବାରୁ ଏହା ଏବେ ଲତା ଓ ଆବର୍ଜନାରେ ଜାମ ହୋଇ ପଡ଼ିଛି । ଫଳରେ ସାମ୍ପ୍ରତିକ ଲଗାଣ ବର୍ଷାରେ ବନ୍ୟା ଜଳ କେନାଲ ମଧ ଦେଇ ଗତି କରି ନପାରି ନିଜର ଗତିପଥ ବଦଳାଇ ଦେଇଛି ।କେନାଲର ଏହି ପରିବର୍ତ୍ତିତ ସ୍ରୋତ ଏବେ ସ୍ଥାନୀୟ ବାସିନ୍ଦାଙ୍କ ଘରବାରି ପ୍ଲଟ ନମ୍ବର ୧୪୮୬/୪୦୮୧ ଓ ୧୪୮୬ ମଧ୍ୟରେ ପ୍ରବେଶ କରି ବୈତରଣୀ ନଦୀରେ ମିଶୁଛି । କେନାଲରେ ନିୟମିତ ତୀବ୍ର ଜଳ ପ୍ରବାହ ଯୋଗୁଁ ଦୁଇ କଡ଼ରେ ବ୍ୟାପକ ମୃତିକା କ୍ଷୟ ହେବାରେ ଲାଗିଛି । ଫଳରେ ନିକଟରେ ଥିବା ବାସଗୃହ ଗୁଡ଼ିକ ପ୍ରତି ପ୍ରବଳ ବିପଦ ସୃଷ୍ଟି ହୋଇଛି ।ବନ୍ୟା ଜଳର ପ୍ରଖର ସ୍ରୋତ ଯୋଗୁଁ ସେଠାରେ ସୃଷ୍ଟି ହୋଇଥିବା ଭଗ୍ନ ଖାଇରୁ ବଡ଼ ବଡ଼ ଅତଡ଼ା ଖସିବାରେ ଲାଗିଛି, ଯାହାଦ୍ୱାରା ଖାଇଟି ନିଜର କାୟା ବିସ୍ତାର କରି ଚାଲିଛି । ଏହି ଅତଡ଼ା ଖସିବା ଫଳରେ ଖାଇ କୂଳରେ ଥିବା ଏକ ବିରାଟ ସିମୁଳି ଗଛ ଏବଂ ଏକ ଜାମୁ ଗଛ ନିକଟସ୍ଥ ବାସଗୃହ ଉପରେ ଭାଙ୍ଗି ପଡ଼ିଛି । ଏହା ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ଗୃହର ଆଂଶିକ କ୍ଷତି ଘଟିଥିବା ବେଳେ ଲୋକେ ଏବେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି ।ଏହି କେନାଲଟି କ୍ଷୁଦ୍ର ଜଳ ସେଚନ ବିଭାଗ ଅଧୀନରେ ଥିବା ବେଳେ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁଁ ଆଜି ଏଭଳି ପରିସ୍ଥିତି ଉପୁଜିଛି । ସ୍ଥାନୀୟ ଅଧିବାସୀମାନେ ବାରମ୍ବାର ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ବିଭାଗର ଏଭଳି ନିଷ୍କ୍ରିୟତା ଓ ନିରବଦ୍ରଷ୍ଟା ସାଜିବା ମନୋଭାବକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଥାଶୀଘ୍ର କେନାଲ ସଫା କରାଯାଇ ମୃତିକା କ୍ଷୟ ରୋକିବାକୁ ସୁରକ୍ଷା ପ୍ରାଚୀର ନିର୍ମାଣ ନକଲେ, ଆଗକୁ ବଡ଼ ଧରଣର ଧନଜୀବନ ହାନି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ତେଣୁ ଏଥି ପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ସ୍ନାପଚାଟ୍‌ରେ ନାବାଳିକାଙ୍କୁ ବ୍ଲାକମେଲିଂ ଓ ଅନଲାଇନ୍ ଶୋଷଣ, ଅଭିଯୁକ୍ତକୁ ରାଜସ୍ଥାନରୁ ଗିରଫ

ସମ୍ବଲପୁର, (ହି.ସ.) – ସାଇବର ବ୍ଲାକମେଲିଂ ଓ ନାବାଳିକାଙ୍କୁ ଅନ୍‌ଲାଇନ୍‌ରେ ଯୌନ ଶୋଷଣ କରିବା ଅଭିଯୋଗରେ ସମ୍ବଲପୁର ସାଇବର କ୍ରାଇମ୍ ଆଣ୍ଡ ଇକୋନୋମିକ୍ ଅଫେନ୍ସେସ୍ ଥାନା ପୋଲିସ ୨୧ ବର୍ଷୀୟ ଯୁବକକୁ ରାଜସ୍ଥାନରୁ ଗିରଫ କରିଛି । ଏନେଇ ଥାନାରେ ଅଗଷ୍ଟ ୨୯ ତାରିଖରେ ୨୯/୨୬ରେ ଏକ ମାମଲା ପୋଲିସ ରୁଜୁ କରିଥିଲା । ଗିରଫ ଅଭିଯୁକ୍ତ ଜଣଙ୍କ ବିହାରର ପୂର୍ବ ଚମ୍ପାରଣ ଜିଲ୍ଲା ଅନ୍ତର୍ଗତ ମଧୁବନ ଭାଓ୍ୱରୁଆ ଅଂଚଳର ସୁରେଶ ସାହାର ୨୧ ବର୍ଷିୟ ପୁଅ ରମେଶ କୁମାର । ଯିଏକି ରାଜସ୍ଥାନର ବାଲୋତ୍ରା ଜିଲ୍ଲା ଅନ୍ତର୍ଗତ ପଚପଦ୍ରା ଅଂଚଳର ସମ୍ବରାରେ ରହୁଥିଲା । ଅଭିଯୁକ୍ତକୁ ଗିରଫ କରିବା ସମୟରେ ପୋଲିସ ତା’ ନିକଟରୁ ଏକ ରିୟଲମି ୧୦ ମୋବାଇଲ୍ ଫୋନ୍, ସଂପୃକ୍ତ ଏୟାରଟେଲ ସିମ୍ କାର୍ଡ ଓ ମାଇକ୍ରୋ ଏସ୍‌ଡି କାର୍ଡ଼ ଜବତ କରିଛି । ଏଥିସହ ହ୍ୱାଟସ୍ ଆପ୍ ଯୋଗାଯୋଗ, ସ୍ନାପଚାର୍ଟ ଆକାଉଂଟ ସମ୍ପର୍କିତ ତଥ୍ୟ ଏବଂ ପୀଡ଼ିତାର ସନ୍ଦିଗ୍ଧ ଅଶ୍ଳୀଳ ଫୁଟେଜ ମଧ ଉଦ୍ଧାର କରିଛି । ସୂଚନାନୁଯାୟୀ ପିଡ଼ୀତା ୧୫ ବର୍ଷୀୟା ନାବାଳିକା କାମୁକ ଅଭିଯୁକ୍ତର ପାଲରେ ଫସିଗଲା ପରେ ନୂଆ ନୂଆ ତରିକାରେ ଭିଡିଓ କଲ ଚାର୍ଟିଂ ଓ ବିଭିନ୍ନ ଆଳରେ ଟଙ୍କା ଶୋଷଣ କରିବା ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିଲା । ନାବାଳିକା ଜଣକ ସ୍ନାପଚାର୍ଟ ମାଧ୍ୟମରେ ଅଭିଯୁକ୍ତ କାମୁକ ସହ ଦୁର୍ଭାଗ୍ୟ ବଶତଃ ପରିଚିତ ହୋଇଥିଲା । ଅଭିଯୁକ୍ତ ରମେଶ ଗୁପ୍ତା ନାମରେ ରମେଶ, ୯୧୫୫ ୟୁଜର ନେମ୍‌ରେ ସ୍ନାପଚାର୍ଟ ବ୍ୟବହାର କରୁଥିବା ଅଭିଯୋଗ ରହିଛି । ଏହି ଅଭିଯୋଗ ଅନୁସାରେ, ନାବାଳିକାଙ୍କ ବିଶ୍ୱାସ ଜିତିବା ପରେ ଅଭିଯୁକ୍ତ ତାଙ୍କୁ ଭିଡିଓ କଲ୍‌ରେ ଆସିବାକୁ ପ୍ରଲୋଭିତ କରିଥିଲେ । ପରେ ତାଙ୍କ ବ୍ୟକ୍ତିଗତ ଅଶ୍ଳୀଳ ଭିଡିଓ ରେକର୍ଡ଼ କରି ଟଙ୍କା ପାଇଁ ବ୍ଲାକମେଲ୍ କରିଥିବା ଏବଂ ଉକ୍ତ ଅଶ୍ଳୀଳ ସାମଗ୍ରୀ ନାବାଳିକାଙ୍କ ପରିଚିତ ବ୍ୟକ୍ତିମାନଙ୍କ ନିକଟକୁ ପଠାଇଥିବା ଅଭିଯୋଗ ହୋଇଛି । ତଦନ୍ତ ସମୟରେ ପୁଲିସ ବୈଷୟିକ ଓ ଡିଜିଟାଲ୍ ପ୍ରମାଣ ବିଶ୍ଳେଷଣ କରି ଅଭିଯୁକ୍ତର ପରିଚୟ ଓ ଅବସ୍ଥାନ ଚିହ୍ନଟ କରିଥିଲା । ଏହାପରେ ସମ୍ବଲପୁର ଏସ୍‌ପିଙ୍କ ନିର୍ଦ୍ଦେଶ ଏବଂ ଆବଶ୍ୟକ ଅନୁମତି ପରେ ପୋଲିସ ଟିମ୍ ରାଜସ୍ଥାନ ଯାଇ ସ୍ଥାନୀୟ ପୋଲିସର ସହଯୋଗ କ୍ରମେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# ଦାସିଆ ଅଜାଙ୍କ ୨୯ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି

ନୟାଗଡ଼(ନି.ପ୍ର.)-ପୂଜ୍ୟପୂଜା କମିଟି ନୟାଗଡ଼ ତରଫରୁ ପାଠାଗାର ଆନ୍ଦୋଳନର ଆଗଧାଡିର ନାୟକ ପ୍ରବାଦ ପୁରୁଷ ଦାଶରଥି ପଟ୍ଟନାୟକ ( ଦାସିଆ ଅଜା ) ଙ୍କ ୨୯ ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ତାଙ୍କ ପ୍ରତିମୂର୍ତିରେ



ମାଲ୍ୟାର୍ପଣ ଓ ଦିପ ଧୁପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପୂଜ୍ୟପୂଜା କମିଟି ର ବରିଷ୍ଠ ସଦସ୍ୟ ତଥା ସାମ୍ବାଦିକ ରାମକୃଷ୍ଣ ରଥଙ୍କ ସଂଯୋଜନା ରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭା ରେ ଭାରତ ବିକାଶ ପରିଷଦର ସଭାପତି ଶ୍ରୀ ପ୍ରଶନ୍ନ କୁମାର ବସନ୍ତିଆ, ରୋଟାରୀ କ୍ଲବ ସଭାପତି ବାସୁଦେବ ସାହୁ, ନୟାଗଡ଼ କ୍ଲବ୍ ସଂପାଦକ ଶ୍ରୀଧର ସାହୁ, ସିଭିଲ ସୋସାଇଟ ସଦସ୍ୟ, ରୋଟାରିଆନ ଜି ରଶ୍ମିରାଜ, ପୂର୍ବତନ ବିଇଓ ନିମାଇଁ ସାର୍ ଙ୍କ ସମେତ ଅନେକ ଦାସିଆ ଅଜା ପ୍ରେମୀ ଉପସ୍ଥିତ ଥିଲେ । ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ର ସ୍କାଉଟ୍ ଛାତ୍ର ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଦଶ ପଇସାର ରାଜା ଦାସିଆ ଅଜା ଏବଂ ଦାସିଆ ଅଜା ଅମର ରହେ ସ୍ଲୋଗାନ ଦେଇଥିଲେ ଉପସ୍ଥିତ ସଦସ୍ୟମାନେ । ପରିଶେଷରେ ପୂଜ୍ୟପୂଜା କମିଟିର ଆବାହକ ଧିରେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଗଛକୁ ଧକ୍କା ଦେଇ ବାଇକ୍ ଆରୋହୀ ଗୁରୁତର

ନିଳଗିରି,(ନି.ପ୍ର): ନିଳଗିରି ଏନଏସି ର୨ନମ୍ବର ୱାର୍ଡ ଘାଟଘରସାହି ଛକ ନିକଟରେ ଏକ ବାଇକ୍ ଆରୋହୀ ଗଛକୁ କୁଟି ଦେଇ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ସ୍ଥାନୀୟ ଲୋକେ ମେଡିକାଲରେ ଭର୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ କଟକ ର ଘରୋଇ ମେଡିକାଲକୁ ପରିବାର ଲୋକେ ନେଇ ଥିବାର ଜଣାପଡିଛି । ଘଟଣାରୁ ପ୍ରକାଶ ଏନ୍‌ଏସି ର ୫ନମ୍ବର ୱାର୍ଡବରିସାହି ଗ୍ରାମର ବୈଷ୍ଣବ ବୈଠା ର ପୁଅ ମାନୁ ବୈଠା(୩୬) ନିଜ ବାଇକ୍ ରେ ଦୁଇ ସାଙ୍ଗକୁ ବସାଇ ୧୪ ତାରିଖ ୪ଟା ସମୟ ରେ ସଜନାଗଡ଼ ରୁ ନିଳଗିରି ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା ।

# ଶିଶୁ ଯତ୍ନଗୃହ ସାଧନରେ ପାଳନ ହେଲା ଗଣେଶ ପୂଜା

କନ୍ଧମାଳ, (ହି.ସ.) – ଫୁଲବାଣୀ, ଜିଲ୍ଲାରେ ଯେଉଁ ସମୟରେ ଧର୍ମ ଓ ଜାତିକୁ ନେଇ ସାମାଜିକ ଗଣମାଧ୍ୟମରେ ବାଦବିବାଦର ଶୀତଳ ଯୁଦ୍ଧ ଲାଗିରହିଛି ତ ସେହି ସମୟରେ ଫୁଲବାଣୀ ସହର ନିକଟ ସାଧନାରେ ଏକ ଅଦ୍ଭୁତ ଭାଇଚାରାର ଦୃଶ୍ୟ ଦେଖିବାକୁ ମିଳିଛି । ଫୁଲବାଣୀ ସହରର ନିକଟସ୍ଥ ଶିଶୁ ଜନ୍‌ଗୃହ ସାଧନ ଠାରେ ଥିବା ପୁରାତନ ମାରି ମୋଂଟେଶୋରୀ ମୋଡେଲ ଇଂଲିଶ ମିଡିୟମ ବିଦ୍ୟାଳୟରେ ଏଠାରେ ବହୁ ଭିନ୍ନକ୍ଷମ ଏବଂ ଅନାଥ ପୁଅଝିଅ ରହି ଶିକ୍ଷା ଲାଭ କରୁଛନ୍ତି । ଏହି ଅନୁଷ୍ଠାନରେ ଚଳିତ ବର୍ଷ ବହୁ ଆଡ଼ମ୍ବରରେ ଗଣେଶ ପୂଜା ପାଳନ କରାଯାଇଛି । ବିଦ୍ୟାଳୟ ପରିସରରେ ପିଲାମାନଙ୍କ ମନରେ ଉତ୍ସାହ ଭରିବା, ସେମାନଙ୍କ ଭିତରେ କୌଣସି ଭେଦଭାବ ନରହୁ ସେଥିପ୍ରତି ଦୃଷ୍ଟିରେ ରଖି ଏହି ପୂଜା ଆୟୋଜନ କରାଯାଇଥିଲା । ଛୋଟ ଛୋଟ ପିଲାମାନେ ନିଜ ହାତରେ ମେଢ଼ ସଜାଇ, ଭଜନ ଗାଇ ଓ ପ୍ରସାଦ ବାଂଟି ପୂଜାରେ ସାମିଲ ହୋଇଥିଲେ । ଶିକ୍ଷକ ଓ ଅନୁଷ୍ଠାନର କର୍ମକର୍ତାମାନେ ମଧ ପୂର୍ଣ୍ଣ ସହଯୋଗ କରିଥିଲେ । ଧର୍ମ ଅଲଗା ହେଲେ ବି ମଣିଷ ଏକ, ଶିକ୍ଷା ହେଉଛି ଏକତାର ମାଧ୍ୟମ- ଏହି ବାର୍ତା ଏହି ଛୋଟ ପିଲାମାନେ ସମାଜକୁ ଦେଖାଇ ଦେଇଛନ୍ତି । ପିଲାମାନଙ୍କ କୋମଳ ମନ ଯେପରି ବିଶୃଙ୍ଖଳିତ ନହୋଇ ଶିକ୍ଷାକୁ ଗୁରୁତ୍ୱଦେବେ ସେଥିପ୍ରତି ଧ୍ୟାନ ଦେଇଛନ୍ତି ଏହି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ । ଏହି ଉତ୍ସବ ଶୃଙ୍ଖଳାର ସହ ଓ ଆନନ୍ଦର ସହ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଆନ୍ତରିକତା କରୁଥିଲେ ଏଠାରେ କୌଣସି ଅଭିଭାବକ ଏହି ଶିକ୍ଷା ଅନୁଷ୍ଠାନକୁ ପ୍ରଶଂସା କରିଛନ୍ତି ।ପିଲାମାନଙ୍କ କୋମଳ ମନ ଯେପରି ବିଶୃଙ୍ଖଳିତ ନହୋଇ ଶିକ୍ଷାକୁ ଗୁରୁତ୍ୱଦେବେ ସେଥିପ୍ରତି ଧ୍ୟାନ ଦେଇଛନ୍ତି ଏହି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ । ଏହି ଉତ୍ସବ ଶୃଙ୍ଖଳାର ସହ ଓ ଆନନ୍ଦର ସହ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଆନ୍ତରିକତା କରୁଥିଲେ ଏଠାରେ କୌଣସି ଅଭିଭାବକ ଏହି ଶିକ୍ଷା ଅନୁଷ୍ଠାନକୁ ପ୍ରଶଂସା କରିଛନ୍ତି ।

# ଧାମନଗରରେ ମହାସମାରୋହରେ ଗଣେଶ ପୂଜା: ଚଳଚଂଚଳ ସାରା ଅଂଚଳ



ଧାମନଗର(ନି.ପ୍ର.) : ବିଘ୍ନନାଶକ ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ପାଳିତ ହେଉଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବ୍ଲକର ସହରରୁ ଆରମ୍ଭ କରି ଗ୍ରାମାଂଚଳ ପର୍ଯ୍ୟନ୍ତ ସବୁଆଡେ ଏକ ଆଧ୍ୟାତ୍ମିକ ଓ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଛି । ଧାମନଗର ଏନଏସି ସମେତ ଦୋବଲ, ଧୁଷୁରୀ ଏବଂ ଅସୁରାଳୀ ଆଦି ପ୍ରମୁଖ ଅଂଚଳରେ ବିଭିନ୍ନ ପୂଜା କମିଟି ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ମହାପ୍ରଭୁଙ୍କ ଆକର୍ଷକ ମୃଣ୍ମୟ ପ୍ରତିମା ପୂଜା ପାଉଛନ୍ତି । ବିଶେଷକରି ଦକ୍ଷିଣବାଡ ଏବଂ ବନ୍ଧଟିଆ ଅଂଚଳର ପୁରାତନ ଗଣେଶ ପୂଜା ଏହି ବର୍ଷ ମଧ ଅତ୍ୟନ୍ତ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହେଉଛି, ଯାହାକୁ ଦେଖିବା ପାଇଁ ଆଖପାଖ ଅଂଚଳରୁ ପ୍ରଚୁର ଭକ୍ତଙ୍କ ଭିଡ଼ ଜମୁଛି ।ସେହିପରି ରାମେଶ୍ୱରପୁର ଆର.ଆଇ. ଛକ ଏବଂ ପ୍ରସିଦ୍ଧ ରକ୍ଷାକାଳୀ ପୀଠ ପରିସରରେ ଗଣେଶ ପୂଜା ମହା ଆଡମ୍ବରରେ ପାଳିତ ହେଉଛି । ଏଠାକାର ଆକର୍ଷଣୀୟ ତୋରଣ, ରଙ୍ଗବେରଙ୍ଗର ଆଲୋକସଜ୍ଜା ଏବଂ ସାଧାରଣ ଲୋକଙ୍କ ମନ ମୋହାଉଥିବା ମୀନାବଜାର ଉତ୍ସବର ମଜାକୁ ଦ୍ୱିଗୁଣିତ କରିଛି । ସନ୍ଧ୍ୟାରେ ଆଳତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମୀନାବଜାର ରେ ପିଲାଠାରୁ ଆରମ୍ଭ କରି ବୃଦ୍ଧପର୍ଯ୍ୟନ୍ତ ସମସ୍ତଙ୍କ ଭିଡ଼ ଦେଖିବାକୁ ମିଳୁଛି ।ବିଭିନ୍ନ ପୂଜା କମିଟିର କର୍ତ୍ତୃପକ୍ଷଙ୍କୁ ନେଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଉଥିବାବେଳେ, ଏହି ମହୋତ୍ସବ ସମଗ୍ର ଧାମନଗର ବ୍ଲକରେ ଏକ ଭାଇଚାରା ଓ ଆନନ୍ଦର ବାତାବରଣ ସୃଷ୍ଟି କରିଛି ।

# ଚାନ୍ଦୋପଲା ଜମି ଜାଲିଆତି ମାମଲା: ମାଷ୍ଟରମାଇଣ୍ଡ ସରପଂଚଙ୍କ ସହ ୩ ଗିରଫ, ମୋଟ ଗିରଫ ସଂଖ୍ୟା ୭କୁ ବୃଦ୍ଧି

ନୂଆପଡ଼ା (ନି.ପ୍ର)ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅନ୍ତର୍ଗତ ଚାନ୍ଦୋପଲା ଗ୍ରାମର ୪ ଏକର ୪୦ ଡିସିମିଲ ଜମି ଚୋରୀ ଓ ଜାଲିଆତି ମାମଲାରେ ପୋଲିସକୁ ବଡ଼ ସଫଳତା ମିଳିଛି । ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଆଉ ତିନି ଜଣଙ୍କୁ ପୋଲିସ ଗିରଫ କରିବା ପରେ ଏହି ମାମଲାରେ ମୋଟ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି ।ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତିରେ କୋମନା ପୋଲିସ ଚଢ଼ଉ କରି ଏହି ଜମି ଜାଲିଆତିର ମୁଖ୍ୟ ମାଷ୍ଟରମାଇଣ୍ଡ ସନ୍ତୋଷ କୁମାର ଦୁରିଆଙ୍କୁ ତାଙ୍କ ନିଜ ଗ୍ରାମ ପେଣ୍ଡରାବନରୁ ଗିରଫ କରିଛି । ଏହା ସହିତ ତିଖାଲି ଛକରୁ ଏକ କାର (ନଂ ଡଡ଼ ୨୬ ଐ ୪୮୫୯) ସହ ଅନ୍ୟ ଦୁଇ ଜମି ଦଲାଲଙ୍କୁ କାବୁ କରାଯାଇଛି । ଗିରଫ ଦଲାଲ ଦ୍ୱୟ ହେଲେ ବୋଡ଼େନ ଥାନା କରଙ୍ଗାମାଲ ଗ୍ରାମର ରାମ ଲାଲ ପଣ୍ଡା ଓ ତାଙ୍କ ସହଯୋଗୀ ଜୟସନ୍ ବାଗ । ଗିରଫ ରାମ ଲାଲ ପଣ୍ଡା





କରଙ୍ଗାମାଲ ପଂଚାୟତର ବର୍ତମାନର ସରପଂଚ ଥିବା ବେଳେ ଏକ ଘରୋଇ କଲେଜର ପରିଚାଳନା କମିଟି ସଭାପତି ଭାବେ ମଧ କାର୍ଯ୍ୟରତ ଅଛନ୍ତି । ଗିରଫ ୩ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି କୋମନା ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁ ସୂଚନା ଦେଇଛନ୍ତି ।ସୂଚନାଯୋଗ୍ୟ ଯେ, ଏହି ବହୁଚର୍ଚ୍ଚିତ ଜମି ଜାଲିଆତି ସମ୍ପର୍କରେ କୋମନା ଉପ-ନିବନ୍ଧକ ସର୍ବେଶ୍ୱର ଜାଲ ପ୍ରଥମେ ସୂଚନା ଦେଇ ପୋଲିସର ଦ୍ୱାରସ୍ଥ ହୋଇଥିଲେ । ଏହା ପୂର୍ବରୁ ପୋଲିସ ଜାଲିଆତିରେ ସାମିଲ ୪ ଜଣଙ୍କୁ ଗିରଫ କରିସାରିଛି । ସେମାନେ ହେଲେ ନକଲି ସତ୍ୟ ପ୍ରଧାନୀ ସାଜିଥିବା ଡୁମାଲ ରଣା (ଖଡ଼ିଆଳ ମଣ୍ଡୋଷିଲ ଗ୍ରାମର ଘରଜ୍ୱାଇଁ, ବର୍ତମାନ ଛତିଶଗଡ଼ର ଉର୍ମାଲ ଗୁଡ଼ଭେଲି ନିବାସୀ), ତାଙ୍କ ଭଉଣୀ ସାଜିଥିବା ଦେଓଦରା ଗ୍ରାମର ଦେଓମତି ମାଝୀ ଏବଂ ଦୁଇ ଜମି ଦଲାଲ—ସୋଲବନ୍ଧ ଗ୍ରାମର ଦୁର୍ଲ୍ଲଭ ନିଆଲ ଓ ସମରସିଂ ଗ୍ରାମର ତୁଳସୀ ରଣା ।ଏହି ସମ୍ବେଦନଶୀଳ ମାମଲାରେ ସରପଂଚ ଓ ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସଂପୃକ୍ତି ସାମ୍ନାକୁ ଆସିବା ପରେ ସ୍ଥାନୀୟ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

# ବିଶ୍ୱ ଦରବାରରେ ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ କଫି ପ୍ରଶଂସିତ

ଜୟପୁର, (ହି.ସ.) – କୋରାପୁଟର ସବୁଜ ସୁନ୍ଦର କଫି ବଗିଚାରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀର ବିଶ୍ୱସ୍ତରୀୟ କୂଟନୈତିକ ମଂଚ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ସୂଚନା ପାଇବା ପରେ କୋରାପୁଟ ଜିଲାରେ ଖୁସିର ଲହରି ଖେଳି ଯାଇଛି । କୋରାପୁଟ ଜିଲା ମାଳ ଅଂଚଳ ସହ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଭାବେ ପରିଚିତ । ପ୍ରଥମେ ଏଠାରେ ଧାନ ଉତ୍ପାଦନ ହୋଇଥିବାବେଳେ ବର୍ତମାନ କଫି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ଅଧିକାରୀ କରିଛି ।

କୋରାପୁଟର ପୂର୍ବ ଘାଟ ଅଂଚଳରେ ଆଦିବାସୀ ଚାଷୀଙ୍କ ଦ୍ୱାରା ଚାଷ କରାଯାଉଥିବା ଉନ୍ନତମାନର ‘ଆରାବିକା’ କଫି- ‘ଟାଇଗର ବ୍ରାଇଟ୍’ ବ୍ରିକ୍ସ ସମ୍ମିଳନୀର ଅତିଥିମାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏହା ବିଶ୍ୱକୁ ଓଡ଼ିଶାର ସ୍ୱାଦ ଚଖାଇବା ସହ ଆଦିବାସୀ ଉଦ୍ୟୋଗ ଏବଂ ସ୍ଥାୟୀ ଜୀବିକା ନିର୍ବାହର କ୍ଷମତାକୁ ପ୍ରଦର୍ଶନ କରିଛି ।

ଆମ୍ବ, ପଣସ ଏବଂ ଲେମ୍ବୁ ଜାତୀୟ ଗଛର ଛାଇ ତଳେ ୯୨୦-୯୫୦ ମିଟର ଉଚ୍ଚତାରେ ଅବସ୍ଥିତ କୋରାପୁଟ ଜିଲ୍ଲାର ନନ୍ଦପୁର ଓ ମାଛକୁଣ୍ଡ ଅଂଚଳରେ ଏହା ଉତ୍ପାଦିତ ହୁଏ । ଏହି ୧୦୦% ଆରାବିକା କଫି ଫଳ ଚେରିଗୁଡ଼ିକୁ ସମ୍ପୂର୍ଣ୍ଣ ପାଚିଯିବା ପରେ ହାତରେ ତୋଳାଯାଏ ଏବଂ ଉଚ୍ଚା ମଂଚା ଉପରେ ରଖି ଖରାରେ ଶୁଖାଯାଏ । ଏହି କଫିରେ କମଳା, ଲେମ୍ବୁ ଓ ମିଠା ଲେମ୍ବୁ ଭଳି ସିଟ୍ରସ୍ ବା ଖଟା-ମିଠା ସ୍ୱାଦ ସହିତ କାରାମେଲ୍ ଓ ଚକୋଲେଟର ସୂକ୍ଷ୍ମ ସ୍ୱାଦ ମଧ ଅନୁଭୂତ ହୁଏ ।

‘ଟ୍ରାଇବାଲ୍ ଡେଭଲପମେଂଟ କୋ-ଅପରେଟିଭ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍’ର ସମ୍ପୂର୍ଣ୍ଣ ସହଯୋଗରେ ଏହି ପଦକ୍ଷେପ ଏକ ସମ୍ପୂର୍ଣ୍ଣ ‘ଭାଲ୍ୟୁ-ଚେନ୍’ ମୂଲ୍ୟ-ଶୃଙ୍ଖଳା ମଡେଲରେ ପରିଣତ ହୋଇଛି । ୧୧ ସେପ୍ଟେମ୍ବର ୨୦୧୯ରେ ‘କୋରାପୁଟ କଫି’ ବ୍ରାଣ୍ଡ୍ ଭାବେ ଶୁଭାରମ୍ଭ ହେବା ପରଠାରୁ ଏହା ରେକର୍ଡ ପରିମାଣର ଅଭିବୃଦ୍ଧି ହାସଲ କରିଛି ।

୨୦୨୫-୨୬ ମୌସୁମୀ ସମୟରେ, ରେକର୍ଡ଼ ପରିମାଣର ୧୦୨.୫୪ ମେଟ୍ରିକ୍ ଟନ୍ କଫି ଫଳ ସଂଗ୍ରହ କରିଛି - ଯାହା ୨୦୨୨-୨୩ର ୩୪.୬୮ ମେଟ୍ରିକ୍ ଟନ୍ ତୁଳନାରେ ପ୍ରାୟ ତିନିଗୁଣ ଅଟେ କୋରାପୁଟ କଫିରେ ଦୁଇଟି ‘ଫାଇନ୍ କପ୍ ଆୱାର୍ଡ’ ଜିତିବା ସହ କଫି ବୋର୍ଡର ‘ଫ୍ଲେଭର୍ ଅଫ୍ ଇଣ୍ଡିଆ ଫାଇନ୍ କପ୍ ୨୦୨୪’ରେ ଚତୁର୍ଥ ସ୍ଥାନ ହାସଲ କରିଛି । ଓଡ଼ିଶା ଏବଂ ଦିଲ୍ଲୀରେ ଆଠଟି ‘କୋରାପୁଟ କଫି କାଫେ’ ଯେଉଁଥିରେ ନାଲକୋ ଦାମନଯୋଡ଼ି ସ୍ଥିତ କାଫେ ଅନ୍ତର୍ଭୁକ୍ତ ସ୍ଥାପନ କରିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ୧.୬୪ କୋଟି ଟଙ୍କାର ବିକ୍ରି ହାସଲ କରିଛି । ବର୍ତମାନ ସୁଦ୍ଧା ୧୦,୬୩୪ରୁ ଅଧିକ ‘ଟାଇଗର ବ୍ରାଇଟ୍’ ପ୍ୟାକେଟ୍ ବଜାରରେ ଉପଲବ୍ଧ କରାଯାଇଛି ।

ବ୍ରିକ୍ସ ସମ୍ମିଳନୀରେ ଏହାର ଉପସ୍ଥିତି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ କରିଛି – ଏହା ଏକ ଆଦିବାସୀ ଜୀବିକା ଉତ୍ପାଦକୁ ଏକ ବ୍ରାଣ୍ଡଯୁକ୍ତ ପ୍ରିମିୟମ୍ ଉତ୍ପାଦରେ ପରିଣତ କରିଛି, ଯାହା ବର୍ତମାନ ଆନ୍ତର୍ଜାତୀୟ ସ୍ତରରେ ଭାରତର ଗ୍ରାମୀଣ ଅର୍ଥନୀତିର ପ୍ରତିନିଧିତ୍ୱ କରୁଛି । ଫଳରେ କୋରାପୁଟ କଫି ବିଶ୍ୱଦରବାର ରେ ସ୍ୱତନ୍ତ ସ୍ଥାନ ବଜାୟ ରଖିଛି ।

# ସମ୍ବଲପୁର ସାଂସଦଙ୍କ ତିନି ଦିନିଆ ସଂସଦୀୟ କ୍ଷେତ୍ର ଗସ୍ତ

ସମ୍ବଲପୁର, (ହି.ସ.) – ସମଗ୍ର ପଶ୍ଚିମ ଓଡ଼ିଶାରେ ଆଜି ହେଉଛି ମହାନ୍ କୃଷି ଭିତିକ ଗଣପର୍ବ ନୂଆଁଖାଇ । ଦୂର ଦୂରାନ୍ତରେ ରହୁଥିବା ଲୋକେ ନିଜ ଗାଁକୁ ଆସି ପରିବାର ସହିତ ନବାନ୍ନ ଭକ୍ଷଣ କରି ବନ୍ଧୁ ବାନ୍ଧବଙ୍କୁ ସାକ୍ଷାତ କରନ୍ତି । ଏହି ମର୍ମକୁ ଚରିତାର୍ଥ କରିବା ପାଇଁ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତିନି ଦିନିଆ ସଂସଦୀୟ କ୍ଷେତ୍ର ଗସ୍ତରେ ଆସୁଛନ୍ତି । ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ପ୍ରଦତ ସୂଚନା ଅନୁଯାୟୀ ସାଂସଦ ଶ୍ରୀ ପ୍ରଧାନ ଶ୍ରୀଗଣେଶ ଚତୁର୍ଥୀ ସନ୍ଧ୍ୟାରେ ସମ୍ବଲପୁର ପହଂଚି ରାତ୍ରି ଯାପନ କରିଛନ୍ତି । ୧୫ ତାରିଖ ସକାଳେ ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ବାସଭବନରେ ତାଙ୍କ ପରିବାର ସହିତ ନୂଆଁ ଖାଇବେ । ଏହାପରେ ମଧ୍ୟାହ୍ନରେ ଇଷ୍ଟଦେବୀ ମା’ ସମଲେଶ୍ୱରୀଙ୍କ ଦର୍ଶନ କରିବେ । ଏହାପରେ ନୂଆଁଖାଇ ପାଇଁ ବାହାର ରାଜ୍ୟରୁ ଆସିଥିବା ଅତିଥିଙ୍କ ସହ ସେଠାରେ ନବାନ୍ନ ପ୍ରସାଦ ସେବନ କରିବେ ଓ ପରେ ଅତିଥିମାନଙ୍କ ସହିତ ଅଂଚଳର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ, ପର୍ଯ୍ୟଟନ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ଏହାପରେ ଅପରାହ୍ନରେ ସହରର ବିଭିନ୍ନ ଗଣେଶ ପୂଜା ପେଣ୍ଡାଲ ଦର୍ଶନ ପାଇଁ ଯିବେ । ସନ୍ଧ୍ୟାରେ ମାରୱାଡ଼ି ଯୁବା ମଂଚ, ଓଡ଼ିଶା ସାଂସ୍କୃତିକ ସମାଜ, ଚିତ୍ରୋତ୍ପଳା ଯୁବକ ସଂଘ ଓ ସମଲେଶ୍ୱରୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମଗୁଡ଼ିକରେ ମଧ ଯୋଗଦେବେ ।

୧୬ ତାରିଖ ପୂର୍ବାହ୍ନରେ କୁଚିଣ୍ଡା ଗସ୍ତରେ ଯାଇ ସେଠାରେ ରାଜ୍ୟ ପଂଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସ୍ୱର୍ଗବାସୀ ମା’ଙ୍କ ଗଙ୍ଗା ଶ୍ରାଦ୍ଧୋତ୍ସବରେ ଯୋଗଦେବେ । ସେଠାରୁ ଦେବଗଡ଼ ଗସ୍ତରେ ଯାଇ ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲା ବିକାଶ ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ କମିଟି (ଦିଶା) ବୈଠକରେ ସାମିଲ୍ ହେବେ । ସନ୍ଧ୍ୟାରେ ଦେବଗଡ଼ ସହରର ବିଭିନ୍ନ ଗଣେଷ ପୂଜା ପେଣ୍ଡାଲ ଦର୍ଶନ କରି ସମ୍ବଲପୁର ଫେରିବେ ।

୧୭ ତାରିଖ ସକାଳେ ଇଷ୍ଟଦେବୀ ମା’ ସମଲେଶ୍ୱରୀଙ୍କ ଦର୍ଶନ କରି ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଦୀପ ପ୍ରଜ୍ୱଳନ କରିବେ । ପରେ କ୍ଷେତରାଜପୁର ଦୁର୍ଗା ମଙ୍ଗଳମ୍ ମଣ୍ଡପ ଠାରେ ସମ୍ବଲପୁର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ହେବାକୁ ଥିବା ରକ୍ତଦାନ ଶିବିରରେ ସାମିଲ୍ ହେବେ । ଏହାପରେ ରେମେଡ ଅଂଚଳରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ମୋଦି ସରକାରଙ୍କ ବିଭିନ୍ନ ଯୋଜନାର ଲାଭାର୍ଥୀଙ୍କ ସହ ଆଲୋଚନା କରି ସାମୂହିକ ଦୀପଦାନ କାର୍ଯ୍ୟକ୍ରମର ସାମିଲ ହୋଇ ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ଆଶାକର୍ମୀମାନଙ୍କୁ ସମ୍ମାନିତ କରିବେ । ଏହାପରେ ଗଙ୍ଗାଧର ମେହେର ଏକକ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ସାମଜିକ ସଶକ୍ତିକରଣ ଉତ୍ସବରେ ଯୋଗଦେବେ । ଏହାପରେ ଅପରାହ୍ନରେ ସାଂସଦ ଶ୍ରୀ ପ୍ରଧାନଙ୍କ ଅନୁଗୁଳ ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ସମସ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବିଜେପି କର୍ମକର୍ତା, ପଦାଧିକାରୀ, ସମର୍ଥକ ଓ ସାଧାରଣ ଜନତା ଉପସ୍ଥିତ ରହିବାକୁ ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ଅନୁରୋଧ କରିଛନ୍ତି ।
















# ହିନ୍ଦୀ ଦିବସ ୨୦୨୬ ଓ ଷଷ୍ଠ ସର୍ବଭାରତୀୟ ସରକାରୀ ଭାଷା ସମ୍ମିଳନୀକୁ ସମ୍ବୋଧିତ କଲେ ଗୃହମନ୍ତ୍ରୀ



ନୂଆଦିଲ୍ଲୀ : କେନ୍ଦ୍ରୀୟ ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ମୁମ୍ବାଇରେ ହିନ୍ଦୀ ଦିବସ ୨୦୨୬ ଏବଂ ୬ ତମ ଅଖିଳ ଭାରତୀୟ ସରକାରୀ ଭାଷା ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଉଦବୋଧନ ଦେଇଥିଲେ । ଏହି ଅବସରରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ଫଡନଭିସ୍, ଉପମୁଖ୍ୟମନ୍ତ୍ରୀ ଶ୍ରୀ ଏକନାଥ ସିନ୍ଦେ ଏବଂ ଶ୍ରୀମତୀ ସୁନେତ୍ର ପାୱାର, କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ରାୟ ଏବଂ ଶ୍ରୀ ବନ୍ଦୀ ସଞ୍ଜୟ କୁମାର ଏବଂ ସରକାରୀ ଭାଷା ବିଭାଗର ସଚିବ ଶ୍ରୀମତୀ ଅଂଶୁଲି ଆର୍ଯ୍ୟଙ୍କ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ହିନ୍ଦୀ ଦିବସ ଏବଂ ଗଣେଶ ଚତୁର୍ଥୀର ଶୁଭେଚ୍ଛା ଜଣାଇ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ଏହା ଏକ 'ମଣିକାଂଚନ ଯୋଗ' ଏକ ବିରଳ ଏବଂ ଶୁଭ ସଂଯୋଗ ଯେ ହିନ୍ଦୀ ଦିବସ ଏବଂ ଗଣେଶ ଚତୁର୍ଥୀ ଗୋଟିଏ ଦିନରେ ପାଳନ କରାଯାଉଛି । ସେ କହିଛନ୍ତି ଯେ ପ୍ରତିବନ୍ଧକ ଦୂରକାରୀ ଭଗବାନ ଗଣେଶ ଭାରତୀୟ ଭାଷାର ବିକାଶ ପାଇଁ ପଥ ପ୍ରଶସ୍ତ କରିବେ ଏବଂ ସେହି ପଥରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବେ । ଏହି ଅବସରରେ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କୁ ସ୍ମରଣ କରି ଶ୍ରୀ ଶାହ କହିଥିଲେ ଯେ ମହାରାଷ୍ଟ୍ରରେ ଗଣେଶ ଉତ୍ସବର ସାର୍ବଜନୀନ ପାଳନ ୧୮୯୩ ମସିହାରେ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ ମହାରାଜଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ସେ କହିଥିଲେ ଯେ ତିଳକ ମହାରାଜ ଦେଶର ସ୍ପନ୍ଦନକୁ ସଠିକ୍ ଭାବରେ ବୁଝିଥିଲେ । ସେ ଗଭୀର ଭାବରେ ବୁଝିଥିଲେ ଯେ ଭାରତରେ ସଚେତନତା ଏବଂ ସାଂସ୍କୃତିକ ଜାତୀୟତାବାଦ କେବଳ ଏହାର ସଂସ୍କୃତି ଏବଂ ଇତିହାସ ମାଧ୍ୟମରେ ସୃଷ୍ଟି ହୋଇପାରିବ । ତେଣୁ, ସେ ଗଣେଶ ଉତ୍ସବ ଏବଂ ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମବାର୍ଷିକୀ ପାଳନ ଆରମ୍ଭ କରିଥିଲେ । ସେ କହିଥିଲେ ଯେ ବହୁତ ଦିନ ପୂର୍ବରୁ, ଏହି ଦୁଇଟି ପର୍ବ ସାରା ଦେଶରେ ପାଳନ ହେବା ଆରମ୍ଭ ହୋଇଥିଲା । ଏହି ଦୁଇଟି ପର୍ବ ବ୍ରିଟିଶମାନଙ୍କ ପାଇଁ ଯଥେଷ୍ଟ ଚିନ୍ତାର କାରଣ ହୋଇଥିଲା । ଏହି ପର୍ବ ମାଧ୍ୟମରେ, ତିଳକ ମହାରାଜ ଲୋକଙ୍କ ମଧ୍ୟରେ ଦେଶପ୍ରେମର ଏକ ବିରାଟ ଲହରୀ ସୃଷ୍ଟି କରିଥିଲେ । ଶ୍ରୀ ଶାହ କହିଥିଲେ ଯେ ମହାରାଷ୍ଟ୍ର ପରମ୍ପରା ଏବଂ ବ୍ୟାପକ ଚିନ୍ତାଧାରାର ଭୂମି । ସେ କହିଥିଲେ ଯେ ଭକ୍ତି ଆନ୍ଦୋଳନ ସମୟରେ, ମହାରାଷ୍ଟ୍ରର ଅନେକ ସନ୍ଥ ଏପରି କୃତି ରଚନା କରିଥିଲେ ଯାହା ସାରା ଦେଶରେ ଭକ୍ତି ଆନ୍ଦୋଳନକୁ ଯଥେଷ୍ଟ ପ୍ରୋତ୍ସାହନ ଦେଇଥିଲା । ସେ କହିଥିଲେ ଯେ ମହାରାଷ୍ଟ୍ର ହେଉଛି ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମି, ଯିଏ 'ସ୍ୱରାଜ, ସ୍ୱଧର୍ମ ଏବଂ ସ୍ୱଭାଷା' - ସ୍ୱରାଜ, ନିଜସ୍ୱ ବିଶ୍ୱାସ ଏବଂ ନିଜସ୍ୱ ଭାଷା, ସ୍ୱରାଜର ମୌଳିକ ଉପାଦାନ ସୃଷ୍ଟି କରିଥିଲେ । ପ୍ରଶାସନରେ ମରାଠୀକୁ ପ୍ରମୁଖତା ଦେଇ ସେ ନିଜ ଭାଷାରେ ଶବ୍ଦାବଳୀର ଏକ ସମୃଦ୍ଧ ଭଣ୍ଡାର ସୃଷ୍ଟି କରିଥିଲେ । ଛତ୍ରପତି ଶିବାଜୀ ମହାରାଜ ଏବଂ ହିନ୍ଦବୀ ସ୍ୱରାଜଙ୍କ ଯୁଗରେ ଏହି ବ୍ୟବସ୍ଥା ଶାସନର ଆଧାର ଭାବରେ କାର୍ଯ୍ୟ କରିଆସିଥିଲା । ଶ୍ରୀ ଅମିତ ଶାହ କହିଛନ୍ତି ଯେ ଆଜି ହିନ୍ଦୀ ଶବ୍ଦ ପ୍ରକ୍ରିୟାକରଣ, ହିନ୍ଦୀ ଟାଇପିଂ ଏବଂ ସଂକ୍ଷିପ୍ତ ଲେଖନ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଶ୍ରୀ ଶାହ ରାଜଭାଷା କୀର୍ତ୍ତି ପୁରସ୍କାର ଏବଂ ରାଜଭାଷା ଗୌରବ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ ।

# ଛତିଶଗଡ଼ ସିରପୁରରେ ହିନ୍ଦୁ-ବୌଦ୍ଧ ଐତିହ୍ୟ ପରିଦର୍ଶନ କଲେ ଓଡ଼ିଶା ସାମ୍ବାଦିକ ମଣ୍ଡଳୀ



ସିରିପୁର: ଆନ୍ତଃରାଜ୍ୟ ସାମ୍ବାଦିକ ଗସ୍ତର ଦ୍ୱିତୀୟ ଦିନରେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନେ ଛତିଶଗଡ଼ର ଅନ୍ୟତମ ପ୍ରମୁଖ ଐତିହାସିକ ସ୍ଥଳୀ ସିରପୁରର ସମୃଦ୍ଧ ପ୍ରତ୍ନତାତ୍ତ୍ୱିକ ଓ ସାଂସ୍କୃତିକ ଐତିହ୍ୟର ଅନୁଧ୍ୟାନ କରିଛନ୍ତି । ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ ସିରପୁରରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ଦ୍ୱାରା ସଂରକ୍ଷିତ ଓ ରକ୍ଷଣାବେକ୍ଷଣ କରାଯାଉଥିବା ବିଭିନ୍ନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ପରିଦର୍ଶନ କରିଥିଲେ । ଏହି ଅବସରରେ ସାମ୍ବାଦିକମାନେ ପ୍ରାଚୀନ ସ୍ଥଳୀଗୁଡ଼ିକର ଐତିହାସିକ ଓ ସ୍ଥାପତ୍ୟଗତ ଗୁରୁତ୍ୱ, ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ଏବଂ ସେଗୁଡ଼ିକ ସହ ଜଡ଼ିତ ସମୃଦ୍ଧ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ବିଶେଷଜ୍ଞମାନଙ୍କଠାରୁ ସବିଶେଷ ତଥ୍ୟ ହାସଲ କରିଥିଲେ । ଓଡ଼ିଶାର ସାମ୍ବାଦିକମାନଙ୍କୁ ଛତିଶଗଡ଼ର ଐତିହ୍ୟ, ବିକାଶମୂଳକ ପଦକ୍ଷେପ ଏବଂ ସାଂସ୍କୃତିକ ବିବିଧତା ସହିତ ପରିଚିତ କରାଇବା ପାଇଁ ଏହି ଗଣମାଧ୍ୟମ ପରିଭ୍ରମଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା ସେମାନେ ପ୍ରତ୍ୟକ୍ଷ ଅନୁଭୂତି ଓ ସଠିକ୍ ତଥ୍ୟ ଆଧାରରେ ଏହି ଖବରଗୁଡ଼ିକୁ ବ୍ୟାପକ ପାଠକବର୍ଗଙ୍କ ପାଖରେ ପହଂଚାଇ ପାରିବେ । ପରିଦର୍ଶନ ସମୟରେ ଏଠାରେ ଥିବା ପ୍ରସିଦ୍ଧ ଲକ୍ଷ୍ମଣ ମନ୍ଦିର ସାମ୍ବାଦିକଙ୍କ କୌତୁହଳ ବୃଦ୍ଧି କରିଥିଲା । ଏହାର ସ୍ୱତନ୍ତ୍ର ଇଟା ସ୍ଥାପତ୍ୟ, ସୂକ୍ଷ୍ମ କାରୁକାର୍ଯ୍ୟ ଓ ଭାସ୍କର୍ଯ୍ୟ କଳାକୁ ସେମାନେ ନିରୀକ୍ଷଣ କରିଥିଲେ । ଏହି ପ୍ରତିନିଧି ଦଳ ସ୍ଥାନୀୟ ବାଲେଶ୍ୱର ମହାଦେବ ମନ୍ଦିର ଏବଂ ସୁରଙ୍ଗ ଟିଲା ମଧ୍ୟ ପରିଦର୍ଶନ କରି ଏହି ଅଂଚଳରେ ମନ୍ଦିର ସ୍ଥାପତ୍ୟର ବିକାଶ ଓ ଧାର୍ମିକ ପରମ୍ପରା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ । ଗଣମାଧ୍ୟମ ପ୍ରତିନିଧିମାନେ ତିୱରଦେବ ବିହାର ପରିଦର୍ଶନ କରି ସିରପୁରର ବୌଦ୍ଧ ଐତିହ୍ୟ ବିଷୟରେ ମଧ୍ୟ ଅନୁଧ୍ୟାନ କରିଥିଲେ । ଏହି ଖନନ କରାଯାଇଥିବା ବୌଦ୍ଧ ବିହାର ଏବଂ ଏହାର କୀର୍ତ୍ତିରାଜିର ଅବଶେଷ, ବୌଦ୍ଧ କାର୍ଯ୍ୟକଳାପ ଓ ସାଂସ୍କୃତିକ ଆଦାନପ୍ରଦାନର କେନ୍ଦ୍ର ଭାବରେ ସିରପୁରର ଗୁରୁତ୍ୱ ବିଷୟରେ ସାମ୍ବାଦିକମାନଙ୍କୁ ଧାରଣା ଦେଇଥିଲା । ପ୍ରତିନିଧି ଦଳକୁ ଏହି କୀର୍ତ୍ତିରାଜିଗୁଡ଼ିକର ଐତିହାସିକ ପୃଷ୍ଠଭୂମି, ଖନନରୁ ମିଳିଥିବା ତଥ୍ୟ ଏବଂ ସ୍ଥାପତ୍ୟଗତ ବୈଶିଷ୍ଟ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏହି ପ୍ରତ୍ୟକ୍ଷ ଅନୁଧ୍ୟାନ ସାମ୍ବାଦିକମାନଙ୍କୁ ହିନ୍ଦୁ ଓ ବୌଦ୍ଧ ପରମ୍ପରାର ସହଅବସ୍ଥାନ ଏବଂ ପ୍ରାଚୀନ ସିରପୁରର ସମୃଦ୍ଧ ସାଂସ୍କୃତିକ ପରିବେଶ ବିଷୟରେ ଗଭୀର ଧାରଣା ହାସଲ କରିବାରେ ସାହାଯ୍ୟ କରିଥିଲା । କେନ୍ଦ୍ର ସଂଚାର ବ୍ୟୁରୋ (ସିବିସି), ସମ୍ବଲପୁରର ସହକାରୀ ନିର୍ଦ୍ଦେଶକ ଶ୍ରୀ ମନମୋହନ ପାଢ଼ୀ ଏବଂ ପିଆଇବି, ଭୁବନେଶ୍ୱରର ସୂଚନା ସହାୟକ ଶ୍ରୀ ବିକାଶ ରଞ୍ଜନ ଦଳାଇଙ୍କ ସହଯୋଗରେ ଏହି ପରିଦର୍ଶନ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଥିଲା ।

# ସାରା ରାଜ୍ୟରେ ଗଜାନନଙ୍କ ପୂଜୋତ୍ସବ ପାଳିତ

ଭୁବନେଶ୍ୱର : ଆଜି ପବିତ୍ର ଗଣେଶ ପୂଜା । ଭାଦ୍ରବ ଶୁକ୍ଳ ଚତୁର୍ଥୀ । ଏହି



ଅବସରରେ ଗାଁ ଠୁ ସହର ଚାରିଆଡ ଉତ୍ସବମୁଖର । ବିଘ୍ନ ବିନାଶକ, ବିଦ୍ୟାର ଦେବତା ତଥା ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି ସାରା ରାଜ୍ୟ । ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପ୍ରତିଷ୍ଠାନରେ ଭକ୍ତି ଓ ଶ୍ରଦ୍ଧାର ସହ ଗଣେଶ ପୂଜା ପାଳନ କରାଯାଉଛି । ବିଭିନ୍ନ ସ୍ଥାନରେ ଆଲୋକମାଳାରେ ସଜେଇ ହୋଇଥିବା ତୋରଣ ଓ ସୁସଜ୍ଜିତ ମଣ୍ଡପରେ ପୂଜା ପାଉଛନ୍ତି ପ୍ରଭୁ ଗଜାନନ । ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ଗଣେଶଙ୍କ ଆବାହନ କରାଯାଇଛି । ଦେଶର ବିଭିନ୍ନ ରାଜ୍ୟରେ ମଧ୍ୟ ଗଣେଶ ଉତ୍ସବକୁ ଭକ୍ତି ଓ ଉତ୍ସାହର ସହ ପାଳନ କରାଯାଉଛି । ବିଶେଷକରି ମହାରାଷ୍ଟ୍ର ସମେତ ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନରେ ଧୁମଧାମରେ ପାଳିତ ହେଉଛି ଗଣେଶ ପୂଜା ।

# ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ ମେମୁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର : ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ବ୍ରହ୍ମପୁର-ରମ୍ଭା ଡାଉନ୍ ଲାଇନ୍ ସେକ୍ସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ ପୂର୍ବତଟ




ରେଳପଥ ପକ୍ଷରୁ ନିର୍ଦ୍ଧାରିତ ତାରିଖଗୁଡ଼ିକରେ ଦୁଇଟି ମେମୁ ଟ୍ରେନ୍‌କୁ ଖଲ୍ଲିକୋଟ ରେଳ ଷ୍ଟେସନରେ ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ । ସେହି ଅନୁଯାୟୀ, ଟ୍ରେନ୍ ନମ୍ବର ୬୮୪୧୧ ଭୁବନେଶ୍ୱର-ବ୍ରହ୍ମପୁର ମେମୁ ଟ୍ରେନ୍‌ଟି ୧୫, ୧୬ ଏବଂ ୧୯ ସେପ୍ଟେମ୍ବର ୨୦୨୬ରେ ବ୍ରହ୍ମପୁର ପରିବର୍ତ୍ତେ ଖଲ୍ଲିକୋଟ ଠାରେ ଯାତ୍ରା ସମାପ୍ତ ହେବ । ସେହିପରି, ଟ୍ରେନ୍ ନମ୍ବର ୬୮୪୧୨ ବ୍ରହ୍ମପୁର-ଭୁବନେଶ୍ୱର ମେମୁ ଟ୍ରେନ୍‌ଟି ୧୫, ୧୬ ଏବଂ ୧୯ ସେପ୍ଟେମ୍ବର ୨୦୨୬ରେ ବ୍ରହ୍ମପୁର ପରିବର୍ତ୍ତେ ଖଲ୍ଲିକୋଟ ଠାରୁ ଯାତ୍ରା ଆରମ୍ଭ କରିବ । ଫଳସ୍ୱରୂପ, ଉପରୋକ୍ତ ସମୟ ଅବଧି ମଧ୍ୟରେ ଖଲ୍ଲିକୋଟ ଏବଂ ବ୍ରହ୍ମପୁର ମଧ୍ୟରେ ଏହି ଟ୍ରେନ ସେବା ବାତିଲ ରହିବ । ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଂଚ କରିପାରିବେ ।

# ପୂର୍ବ ତଟ ରେଳପଥ ମୁଖ୍ୟାଳୟରେ ହିନ୍ଦୀ ପଖୱାଡା-୨୦୨୬ ଆରମ୍ଭ



ଭୁବନେଶ୍ୱର : ପୂର୍ବ ତଟ ରେଳପଥ ମୁଖ୍ୟାଳୟରେ ୧୪ ସେପ୍ଟେମ୍ବରରୁ ୨୮ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ହିନ୍ଦୀ ପଖୱାଡା-୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହିତ ଆରମ୍ଭ ହୋଇଛି । ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରଗତିଶୀଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ରାଜଭାଷା ହିନ୍ଦୀର ଗୁରୁତ୍ୱ ସମ୍ପର୍କରେ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ପକ୍ଷବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଜଭାଷା ଶପଥ ପାଠ କରାଇଥିଲେ । ନିଜ ଅଭିଭାଷଣରେ ସେ ୧୪ ସେପ୍ଟେମ୍ବର ୧୯୪୯ରେ ଭାରତୀୟ ସମ୍ବିଧାନରେ ହିନ୍ଦୀକୁ ରାଜଭାଷାର ମର୍ଯ୍ୟାଦା ପ୍ରଦାନ କରାଯାଇଥିବାର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ । ସେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟାପକ ବ୍ୟବହାର ପାଇଁ ଆହ୍ୱାନ କରିଥିଲେ । ଶ୍ରୀ ଫୁଙ୍କୱାଲ କହିଥିଲେ ଯେ, ହିନ୍ଦୀର ବ୍ୟବହାର କେବଳ ଗୋଟିଏ ଦିନ କିମ୍ବା ପଖୱାଡା ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ । ସରକାରୀ କାର୍ଯ୍ୟରେ ନିୟମିତ ଭାବେ ହିନ୍ଦୀର ବ୍ୟବହାର ବୃଦ୍ଧି କରିବା ଆବଶ୍ୟକ । ଏହି ପାଳନର ଏକ ଅଂଶ ସ୍ୱରୂପ, ବିଭିନ୍ନ ପ୍ରତିଯୋଗିତା ଏବଂ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯେଉଁଥିରେ ରେଳ ସୁରକ୍ଷା ସ୍ଲୋଗାନ ଲିଖନ ପ୍ରତିଯୋଗିତା, ଯାତ୍ରୀ ଅଭିଯୋଗ ନିରାକରଣ ଚିଠା ପ୍ରସ୍ତୁତି ପ୍ରତିଯୋଗିତା, ହିନ୍ଦୀ ବନାନ ଓ ବାକ୍ୟ ସଂଶୋଧନ ପ୍ରତିଯୋଗିତା, ରେଳ ସମ୍ବନ୍ଧୀୟ ଶବ୍ଦ ସନ୍ଧାନ ଓ ସଙ୍କେତ ଚିହ୍ନଟ ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତା ଏବଂ ହିନ୍ଦୀ କର୍ମଶାଳା ଅନ୍ତର୍ଭୁକ୍ତ । ଏହି ସବୁ କାର୍ଯ୍ୟକଳାପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟ କାମରେ ଧୀରେ ଧୀରେ ହିନ୍ଦୀ ଭାଷା ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିବା । ସରକାରୀ କାର୍ଯ୍ୟରେ ରାଜଭାଷାର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହନ ଦେବା ନିମନ୍ତେ ଭାରତ ସରକାରଙ୍କ ନୀତି ଅନୁଯାୟୀ ପ୍ରତିବର୍ଷ ସମଗ୍ର ଭାରତୀୟ ରେଳବାଇରେ ହିନ୍ଦୀ ପଖୱାଡା ପାଳନ କରାଯାଏ ।






Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**